# ଗହଣା ବ୍ୟବସାୟୀଙ୍କ ମୋବାଇଲ ଚୋରିକରି ଟଙ୍କା ଲୁଟ୍ ଅଭିଯୋଗ

ଚୌକି, ୧୫।୬ (ସମିସ): ଭୋଗରାଇ ବ୍ଲକ ଚନ୍ଦନେଶ୍ୱର ବଜାରରେ ମାଛ କିଣୁଥିବା ବେଳେ ଗହଳିରେ ଜନୈକ ଗହଣା ଦୋକାନୀଙ୍କ ନିକଟରୁ ଦୁର୍ବୃତ୍ତ ମାନେ ମୋବାଇଲ ଚୋରି କରିନେଇଥିବା ଜଣାପଡ଼ିଛି। ଆଉ ନିମିଷକ ମଧ୍ୟରେ ମୋବାଇଲରେ ଥିବା ଫୋନପେ ଆପ ଜରିଆରେ ୩୦ ହଜାର ଟଙ୍କା ଲୁଟ କରିଥିବା ତାଳସାରୀ ସାମୁଦ୍ରିକ ଥାନାରେ ଲିଖିତ ଅଭିଯୋଗ ହୋଇଛି। ଏ ନେଇ ଗୋଛିଦା ତେଘରି ଗାଁର ବନ ବିହାରୀ କାମିଲା ସାମୁଦ୍ରିକ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ମୂଳେ ତଦନ୍ତ ଜାରି ରହିଥିବା ଥାନା ଅଧିକାରିଣୀ ଚମ୍ପାବତୀ ସୋରେନ ପ୍ରକାଶ କରିଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ଚନ୍ଦନେଶ୍ୱର ବଜାରରେ ବନ ବିହାରୀ କାମିଲାଙ୍କ ଏକ ଗହଣା ଦୋକାନ ରହିଛି। ଗତ ଫେବୃଆରୀ ୯ ତାରିଖରେ ଦିନ ଦ୍ୱିପ୍ରହରରେ ୨ଜଣ ଲୁଟେରା ବାଇକରେ ଆସି ତାଙ୍କ ଦୋକାନରୁ ୧୦ ଲକ୍ଷ ଟଙ୍କା ମୂଲ୍ୟର ୧୬ଟି ସୁନାଚେନ ଚୋରାଇ ନେଇଥିଲେ। ଯାହାର ଏପର୍ଯ୍ୟନ୍ତ ତଦନ୍ତ ଚାଲିଛି ଓ ପୁଣି ଶୁକ୍ରବାର ବଜାରରେ ସେ ମାଛ କିଣୁଥିବା ବେଳେ ଗହଳିର ସୁଯୋଗ ନେଇ କେହି ଜଣେ ଦୁର୍ବୃତ୍ତ ପକେଟରେ ଥିବା ମୋବାଇଲ ଫୋନକୁ ଚୋରାଇ ନେଇଥିଲେ। ମୋବାଇଲ ଫୋନ ଟି ଚୋରି ହେବାର କିଛି ସମୟ ପରେ ତାଙ୍କର ପଞ୍ଜାବ ନ୍ୟାସନାଲ ବ୍ୟାଙ୍କରେ ଥିବା ଜମା ଖାତାରୁ ୩୦ ହଜାର ଟଙ୍କା ଉଠାଇ ନେଇଥିବା ସେ ପୁଲିସ ନିକଟରେ ଅଭିଯୋଗ କରିଥିଲେ।

# ମହଙ୍ଗା ପଡ଼ିଲା ବନ୍ଧୁ ପତ୍ନୀଙ୍କ ସହ ଅନୈତିକ ସମ୍ପର୍କ

● ଜେଲ ଗଲେ ଯୁବକ

ଚୌକି, ୧୫।୬ (ସମିସ): କୌଣସି କାରଣରୁ ବନ୍ଧୁ ଦେଢ ମାସ ଜେଲ ଯିବାରୁ ବାନ୍ଧବୀକୁ ଏକାକୀ ପାଇ ଅନୈତିକ ସମ୍ପର୍କ ରଖିବା ମହଙ୍ଗା ପଡ଼ିଛି ଯୁବକଙ୍କୁ। ଜେଲରୁ ଫେରି ସ୍ୱାମୀ ଏହି ଘଟଣା ଜାଣିବା ପରେ ବାନ୍ଧବୀ ଜଣକ ତାଳସାରୀ ସାମୁଦ୍ରିକ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ମୂଳେ ସାମୁଦ୍ରିକ ଥାନା ଅଧିକାରିଣୀ ଚମ୍ପାବତୀ ସୋରେନ କେଶ ନଂ ୫୩/୨୪ରେ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ବାନ୍ଧି ଜେଲ ହାଜତକୁ ପଠାଇ ଦେଇଛନ୍ତି। ଅଭିଯୁକ୍ତ ଜଣକ ଭୋଗରାଇର ଶଙ୍ଖାରି ପଂଚାୟତ ଅଧୀନ ଆରୁଆପାଳ ଗାଁର ନନି ଗୋପାଳ ଭୋଳଙ୍କ ପୁଅ ଚନ୍ଦନ ଓରଫ ଶିବା (୨୯) ବୋଲି ଜଣା ପଡ଼ିଛି। ମିଳିଥିବା ସୂଚନା ଅନୁଯାୟୀ, ଭୋଗରାଇର ହୁଗୁଳି ପଞ୍ଚାୟତ ଅଧୀନ ବିନ୍ଧା ପଦ୍ମପୁର ଗାଁର ଦୈତାରୀ ଓ ଆରୁଆପାଳ ଗାଁର ଚନ୍ଦନ ଦୁଇ ବନ୍ଧୁ ଥିଲେ। ଦୈତାରୀଙ୍କର ଏକ ୪ବର୍ଷର ପୁଅ ଟିଏ ମଧ୍ୟ ରହିଛି। କୌଣସି କାରଣରୁ ଦୈତାରୀ ଦେଢ ମାସ ପାଇଁ ଜେଲ ଦଣ୍ଡରେ ଦଣ୍ଡିତ ହେଲେ। ବନ୍ଧୁ ପତ୍ନୀ ଜଣକ ଚନ୍ଦନର ସାହାଯ୍ୟ ନେଇ ସ୍ୱାମୀଙ୍କୁ ଜଳେଶ୍ୱର ଜେଲକୁ ଦେଖା କରିବାଠାରୁ ଆରମ୍ଭ କରି ଜାମିନ ଆଣିବା କାର୍ଯ୍ୟ କଲେ। ଏହି ସୁଯୋଗରେ ଚନ୍ଦନ ବନ୍ଧୁ ପତ୍ନୀ ସହିତ ଅନୈତିକ ସମ୍ପର୍କ ରଖିଥିଲେ। ଦୈତାରୀ ଜେଲରୁ ଫେରିବା ପରେ ଘଟଣା ଜାଣିବା ପରେ ସ୍ତ୍ରୀଙ୍କୁ ନେଇ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ମୂଳେ ଥାନା ଅଧିକାରିଣୀ ଶ୍ରୀମତୀ ସୋରେନ ଦଫା ୩୭୬/୫୦୬ ଆଇପିସି ଧାରା ଅନୁଯାୟୀ ଅଭିଯୁକ୍ତକୁ ଗିରଫ କରି ଜେଲ ହାଜତକୁ ପଠାଇ ଦେଇଛନ୍ତି।

# ପୋଖରୀରେ ବୁଡ଼ି ବୃଦ୍ଧ ମୃତ

ଜଳେଶ୍ୱର, ୧୫।୬ (ସମିସ): ଜଳେଶ୍ୱର ବ୍ଲକ ଆରୁହା ଗ୍ରାମର ୬୦ ବର୍ଷିୟ ବ୍ୟକ୍ତି ସରୋଜ ଦାସ ମହାପାତ୍ରଙ୍କ ପୋଖରୀରେ ବୁଡ଼ି ମୃତ୍ୟୁ ଘଟିଛି। ଗତ ୧୨ ତାରିଖ ରାତି ପ୍ରାୟ ୩.୩୦ ମିନିଟ ସମୟରେ ସେ ଘରୁ ବିଛଣାରୁ ଉଠି ପାଇଖାନା ଯାଇଥିଲେ। କିଛି ସମୟ ଗଲା ପରେ ଯେତେବେଳେ ଘରକୁ ନ ଆସିଲେ ଘର ଲୋକ ଏଣେତେଣେ ଖୋଜାଖୋଜି କରିବାରୁ ନିଜ ଘର ପୋଖରୀରେ ମୁହଁମାଡି ପଡ଼ିଥିବା ଦେଖିବାକୁ ପାଇଥିଲେ। ସଙ୍ଗେ ସଙ୍ଗେ ୧୦୮ ଆମ୍ବୁଲାନ୍ସକୁ ଫୋନ କରି ଜଳେଶ୍ୱର ଜିକେ ଭଟ୍ଟର ହସ୍ପିଟାଲକୁ ନିଆ ଯାଇଥିଲା। କିନ୍ତୁ ଡାକ୍ତର ବାଲେଶ୍ୱର ହସ୍ପିଟାଲକୁ ରେଫର କରି ଦେଇଥିଲେ।ବାଲେଶ୍ୱର ବଡ଼ ଡାକ୍ତରଖାନାର ଡାକ୍ତର ସରୋଜଙ୍କୁ ମୃତ ଘୋଷଣା କରିଥିଲେ। ସେଠାରେ ଶବ ବ୍ୟବଚ୍ଛେଦ ସାରି ଘର କୁ ଆଣିଥିଲେ। ତାଙ୍କ ମୃତ୍ୟୁ ଘଟଣା ଶୁଣି ସରପଞ୍ଚ ତପନୀ ଭୂୟାଁ, ସମାଜସେବୀ ଶ୍ରୀକଣ୍ଠ ମହାନ୍ତି, ସାମ୍ବାଦିକ ମନୋଜ କୁମାର ଭୂୟାଁ, ଲେଲିନ କୁମାର ପ୍ରଧାନ, ପ୍ରାକ୍ତନ ସରପଞ୍ଚ ହରିଶ୍ଚନ୍ଦ୍ର ଭୂୟାଁ, ୱାର୍ଡ ସଭ୍ୟା ଭାରତୀ ଜେନା, ଆର.ଆଇ ସରୋଜ କୁମାର ଭଞ୍ଜଙ୍କ ସହ ଅନ୍ୟାନ୍ୟ ଗ୍ରାମବାସୀ ଉପସ୍ଥିତ ହୋଇ ଶୋକ ପ୍ରକାଶ କରିଥିଲେ। ସରପଞ୍ଚ ତପନୀ ଭୂୟାଁ ହରିଶ୍ଚନ୍ଦ୍ର ଯୋଜନାରେ ଶବ ଦାହ ପାଇଁ ସଙ୍ଗେ ସଙ୍ଗେ ତିନି ହଜାର ଟଙ୍କା ପ୍ରଦାନ କରିଥିଲେ। ସରକାରୀ ସ୍ତରରେ କେମିତି ସାହାଯ୍ୟ ମିଳି ପାରିବ ସେ ନେଇ ତହସିଲଦାର ଏବଂ ଆରଆଇଙ୍କୁ ସରପଞ୍ଚ ନିବେଦନ କରିଥିଲେ। ତାଙ୍କର ସ୍ତ୍ରୀ ଅନୁପମା ଦାସ ମହାପାତ୍ର, ବଡ଼ ପୁଅ ସ୍ୱରୋପ, ସାନ ପୁଅ ପଲ୍ଲବ ଦୁଃଖରେ ଭାଙ୍ଗି ପଡ଼ିଛନ୍ତି। ବଡ଼ ପୁଅ ସ୍ୱରୂପ ଗାଁ ଶ୍ମଶାନରେ ମୁଖାଗ୍ନି ଦେଇଥିଲେ।




# ନିମ୍ନମାନର ପାଣିଟାଙ୍କି ନିର୍ମାଣକୁ ନେଇ ଉତ୍ତେଜନା



ରାଜଘାଟ, ୧୫।୬ (ସମିସ): ବସ୍ତା ବ୍ଲକ ସନ୍ତୋଷପୁର ପଞ୍ଚାୟତ ଅନ୍ତର୍ଗତ ବେଣାପୁରା ଗ୍ରାମରେ ବସୁଧା ଯୋଜନାରେ ନିର୍ମାଣାଧୀନ ପାଣି ଟାଙ୍କି ନିମ୍ନମାନର ହୋଇଥିବାରୁ ଗ୍ରାମବାସୀ ପ୍ରକଳ୍ପ ସମ୍ମୁଖରେ ହୋହାଲ୍ଲା କରିଛନ୍ତି। ସୂଚନା ଅନୁସାରେ ପଞ୍ଚାୟତର ବେଣାପୁରା ହାଟଠାରେ ପଞ୍ଚାୟତିରାଜ ଓ ପାନୀୟ ଜଳ ଯୋଗାଣ ବିଭାଗ ପକ୍ଷରୁ ୬୧ ଲକ୍ଷ ବ୍ୟୟ ଅଟକଳରେ ବସୁଧା ଯୋଜନାରେ ଗୋଟିଏ ପାଣିଟାଙ୍କି ନିର୍ମାଣାଧୀନ ରହିଛି। ମାତ୍ର ଉକ୍ତ ଟାଙ୍କି ନିର୍ମାଣ ଲାଗି ବଡ଼ ବଡ଼ ପଥର ମିଶା ବାଲି, କାଦୁଅ ମିଶା ଚିପ୍ସ ଏବଂ ଢଳେଇରେ ନିର୍ଦ୍ଦିଷ୍ଟ ଆକାରର ଚିପ୍ସ ପରିବର୍ତ୍ତେ ବଜୁରି, ବଡ଼ ବଡ଼ ମେଟାଲ ମିଶା ଚିପ୍ସ ଓ ଅଣସ୍ୱୀକୃତିପ୍ରାପ୍ତ ତଥା କଳଙ୍କି ଲାଗିଥିବା ଲୁହା ଛଡ଼ ବ୍ୟବହାର ହୋଇଥିବାରୁ ଗ୍ରାମବାସୀ କାମକୁ ବିରୋଧ କରିଛନ୍ତି। ଏ ନେଇ ଗ୍ରାମବାସୀ କନିଷ୍ଠ ଯନ୍ତ୍ରୀ ବିନୋଦ କୁମାର ଦାସଙ୍କୁ କାର୍ଯ୍ୟର ସ୍ପଷ୍ଟୋକ୍ତି ଦେବାକୁ ଘଟଣାସ୍ଥଳକୁ ଆସିବାକୁ କହିବାରୁ ସେ ସ୍ଥଳକୁ ଆସିବେ ନାହିଁ ବୋଲି ମନା କରିଦେବାରୁ ଠିକାଦାର ଓ ତାଙ୍କ ମଧ୍ୟରେ ସଲାସୁତୁରା ଚାଲିଥିବା ସନ୍ଦେହ ପ୍ରକାଶ ପାଇଛି। ଏଣୁ କାର୍ଯ୍ୟର ମାନ ତଦାରଖ ପାଇଁ କ୍ୱାଲିଟି କଣ୍ଟ୍ରୋଲ କାର୍ଯ୍ୟାଳୟ ଦ୍ୱାରା ତଦନ୍ତ କରାଯିବାକୁ ଦିଲ୍ଲୀପ କୁମାର ମହାପାତ୍ର, ତପନ ଜେନା, ଗୌତମ ହାଜିରା, ବଳରାମ ବେହେରା, ରଞ୍ଜନ ମହାପାତ୍ର, ରଞ୍ଜିତ ବେହେରା, ଦୀପ୍ତିମାନ ପତି, ସୁଶାନ୍ତ ମହାପାତ୍ର, ମାନସ କୁମାର ଉପାଧ୍ୟାୟ ପ୍ରମୁଖ ଗ୍ରାମବାସୀ ଦାବି କରିଛନ୍ତି।

# ଜମିବାଡ଼ି ଗଣ୍ଡଗୋଳ, ୭ ଗିରଫ

ଚୌକି, ୧୫।୬ (ସମିସ) : ଭୋଗରାଇ ବ୍ଲକ ଅନ୍ତର୍ଗତ ଜଳେଶ୍ୱରପୁର ପଞ୍ଚାୟତ ଅଧିନସ୍ଥ ବାଡ଼ି ଜଳେଶ୍ୱରପୁର ଗ୍ରାମରେ ଜମିବାଡ଼ି ଗଣ୍ଡଗୋଳକୁ କେନ୍ଦ୍ର କରି ଆଜି ପୁଲିସ ୭ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାପଡ଼ିଛି। ଏହି ଗ୍ରାମରେ ଗ୍ରାମ୍ୟ ଉନ୍ନୟନ ବିଭାଗର ରାସ୍ତା ନିର୍ମାଣ ପାଇଁ ଆବଶ୍ୟକୀୟ ଜାଗା ଦେବା କୁ କେନ୍ଦ୍ର କରି ରାମଚନ୍ଦ୍ର ଦାସ, ରମାକାନ୍ତ ଦାସ, ଉମାକାନ୍ତ ଦାସ ସୂର୍ଯ୍ୟକାନ୍ତ ଦାସ ଏବଂ ନାରାୟଣ ପ୍ରସାଦ ଦାସ, ଜଗନ୍ନାଥ ଦାସ, ଲୋକନାଥ ଦାସଙ୍କ ମଧ୍ୟରେ ଗଣ୍ଡଗୋଳ ଉପୁଜିଥିଲା। ଏ ନେଇ ଉଭୟଙ୍କ ନାମରେ ପୃଥକ୍ ଭାବେ ଥାନାରେ ଲିଖିତ ଅଭିଯୋଗ ହୋଇଥିଲା। ଅଭିଯୋଗ ମୁଳେ ପୁଲିସ ଉଭୟ ଗୋଷ୍ଠୀର ବ୍ୟକ୍ତିଙ୍କ ନାମରେ ପୃଥକ୍ ମାମଲା ରୁଜୁ କରି ସାତ ଜଣଙ୍କୁ ଗିରଫ୍ କରି କୋର୍ଟ ଚାଲାଣ କରିଥିବା ପୁଲିସ ସୂତ୍ରରୁ ସୂଚନା ମିଳିଛି।

# ବାବା ନନ୍ଦିକେଶ୍ୱରଙ୍କ ଚଡ଼କ ଉତ୍ସବ ଉଦ୍‌ଯାପିତ



ଚୌକି,୧୫।୬ (ସମିସ) : ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ ନିମାତପୁର ପଞ୍ଚାୟତ ଅନ୍ତର୍ଗତ କୁଚିଲାଡାଙ୍ଗର ଗ୍ରାମରେ ଅବସ୍ଥିତ ବାବା ନନ୍ଦିକେଶ୍ୱରଙ୍କ ପବିତ୍ର ଚଡକ ପର୍ବ ଗତ ଶୁକ୍ରବାର ଉଦଯାପିତ ହୋଇଯାଇଛି। ଜ୍ୟେଷ୍ଠ ମାସ ୧୯ ଦିନରୁ ପୀଠରେ ଚଡ଼କ ପର୍ବ ପାଳନ କରିବା ପାଇଁ ପ୍ରଥମେ ପାଟ ଭକ୍ତ ଗଣପତି ମଣ୍ଡଳ, ଶ୍ରୀ ବେକିଡ଼ି ପ୍ରବୀର କୁମାର ପରିଡ଼ା, ଦେଉଳିଆ ସୁରେଶ ଚନ୍ଦ୍ର ପ୍ରଧାନ ଉପବିତ ଧାରଣ କରିଥିଲେ। ୧୧ଦିନ ବ୍ୟାପୀ ଏହି ପର୍ବରେ ୩ଅର୍ଘ୍ୟ ପର୍ଯ୍ୟନ୍ତ ଶତାଧିକ ମହିଳା ଓ ପୁରୁଷ ଭକ୍ତ ଉପବିତ ଧାରଣ ପୂର୍ବକ ନିଷ୍ଠାର ସହିତ ବ୍ରତ ପାଳନ କରନ୍ତି। ବୁଧବାର ମହାଦେବଙ୍କ ଦେବୀ କାମିନାଙ୍କ ସହିତ ଶୁଭ ବିବାହ, ଗୁରୁବାର ନୀଳ ପର୍ବ ଏବଂ ଶୁକ୍ରବାର ପବିତ୍ର ପାଟ ପର୍ବ ବା ଚଡ଼କ ପର୍ବର ଉଦଯାପନ ହୋଇଯାଇଛି। ପ୍ରତ୍ୟେକ ଦିନ ନିର୍ଘଣ୍ଟ ଅନୁସାରେ ନୀତିକାନ୍ତି ହେବାପରେ ଅର୍ଘ୍ୟ ପ୍ରଦାନ କରାଯାଇଥିଲା। ଶୁକ୍ରବାର 'ମହାପାଟ ପର୍ବର ପ୍ରାତଃକାଳରେ ପାରମ୍ପରିକ ନୀତିକାନ୍ତି ଓ ବିଧି ମୁତାବକ ବାବା ନନ୍ଦୀକେଶ୍ୱରଙ୍କ ସେବା ପୂଜା ସମ୍ପନ୍ନ ହୋଇଥିଲା। ଅପରାହ୍ନରେ ଏକ ଭାବମୟ ପରିବେଶ ମଧ୍ୟରେ ସେବାୟତ ତଥା ମୁଖ୍ୟ ପୂଜକ ଶିବଶଙ୍କର ପଣ୍ଡାଙ୍କ ସହିତ ପାଟ ଭକ୍ତ ଶ୍ରୀ ମଣ୍ଡଳ, ଶ୍ରୀ ବେକିଡି ଶ୍ରୀ ପରିଡ଼ା ଏବଂ ଦେଉଳିଆ ଶ୍ରୀ ପ୍ରଧାନଙ୍କ ସହିତ ସମସ୍ତ ଉପବିତ ଧାରୀ ଭକ୍ତ ଏବଂ ମନ୍ଦିର କମିଟିର ସଭାପତି ହରିଶଚନ୍ଦ୍ର ପରିଡ଼ା, ଉପଦେଷ୍ଟା ଶିକ୍ଷାବିତ ଉତ୍ସବ କୁମାର କର, ସ୍ଥାନୀୟ ସରପଞ୍ଚ ରାଜେନ୍ଦ୍ର ଦଳାଇ, ସମିତି ସଦସ୍ୟ ଭଗବାନ ଚନ୍ଦ୍ର ରଣା, ମନ୍ଦିର କମିଟି ସଦସ୍ୟ ହେମନ୍ତ ମଣ୍ଡଳ, ଅଜୟ ମଣ୍ଡଳ, ଅଜିତ ଦତ୍ତ, ଅନାଦି ପ୍ରଧାନ, ଲୋକନାଥ ପରିଡ଼ା, ଧୀରେନ୍ଦ୍ର ଜେନା, ଅନନ୍ତ ମହାପାତ୍ର, ବିଶ୍ୱଜିତ ପରିଡ଼ା, ଅଜିତ କୁମାର ପରିଡ଼ା ପ୍ରମୁଖ ହଜାର ହଜାର ଭକ୍ତ ଓ ଶ୍ରଦ୍ଧାଳୁ ଅପୂର୍ବ ଆନନ୍ଦ ଉତ୍ସାହ ମଧ୍ୟରେ ସ୍ଥାନୀୟ ପଦ୍ମପୋଖରୀ ଛକରେ ଥିବା ହାକାଣ୍ଡ ପଖୋରୀରୁ କଣ୍ଟା ଫୋଡି ଶିବ ଦୁର୍ଗାଙ୍କ ପ୍ରତିଭୂ କୁହା ଯାଉଥିବା ଘଟକୁ ମୁଣ୍ଡାଇ ପରସ୍ପରକୁ ମାଳା ଚନ୍ଦନ ଲଗାଇ ପାରମ୍ପରିକ ବାଦ୍ୟର ତାଳେ ତଳେ ଏକ ବିଶାଳ ଶୋଭଯାତ୍ରାରେ ନାଚି ନାଚି ଆସି ମନ୍ଦିର ନିକଟରେ ପହଞ୍ଚିଥିଲେ। ଶୋଭଯାତ୍ରାରେ ହରପାର୍ବତୀ ବେଶରେ ଆସିଥିବା ଭକ୍ତ ଓ ଶ୍ରଦ୍ଧାଳୁଙ୍କ ନୃତ୍ୟ ଦର୍ଶକଙ୍କ ମନକୁ ଅପୂର୍ବ ଆନନ୍ଦ ପ୍ରଦାନ କରିଥିଲା। ଏହି ସମୟରେ ହର ହର ମହାଦେବ ଧ୍ୱନିରେ ସମଗ୍ର ପରିବେଶ ଶିବମୟ ହୋଇ ଉଠିଥିଲା। ଶେଷରେ ଉପବୀତ ଧାରୀ ଭକ୍ତମାନେ ମନ୍ଦିର ପରିକ୍ରମା କରି ଶେଷ ଅର୍ଘ୍ୟ ପ୍ରଦାନ କରିଥିଲେ। ଆଜକୁ ୩୭ ବର୍ଷ ପୂର୍ବେ ସ୍ଥାନୀୟ ବଦାନ୍ୟ ବ୍ୟକ୍ତି ପଣ୍ଡିତ ସ୍ୱର୍ଗତ କାଳୀକୁମାର କରଙ୍କ ଦ୍ୱାରା ପ୍ରତିଷ୍ଠିତ ହୋଇଛି। ଚଡ଼କ ପର୍ବର ସମସ୍ତ କାର୍ଯ୍ୟକ୍ରମ ପରିଚାଳନାରେ ଗ୍ରାମବାସୀ ସହଯୋଗ କରିଥିଲେ।

# ଗୋରୁ ଚୋରଙ୍କୁ ଗଛରେ ବାନ୍ଧି ଛେଚିଲେ

ଚୌକି, ୧୫।୬(ସମିସ): ଭୋଗରାଇ ବ୍ଲକ ଅନ୍ତର୍ଗତ ପାଣିଷଣ୍ଢା ପଞ୍ଚାୟତ ଗଣେଶ୍ୱରପୁର ଗ୍ରାମରେ ଗ୍ରାମବାସୀ ଗୋରୁ ଚୋରଙ୍କୁ ଗଛରେ ବାନ୍ଧି ନିର୍ଦ୍ଧୁମ ଛେଚି ଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ କିଛିଦିନ ହେଲା ଗଣେଶ୍ୱରପୁର ଗ୍ରାମରେ ବିଲରେ ବାନ୍ଧି ଥିବା ସାତ ଆଠ ଜଣ ଲୋକଙ୍କର ଗୋରୁ ପ୍ରାୟତଃ ୧୪/୧୫ ଟି ଚୋରି ହୋଇଯାଇଥିଲା। ଆଜି ସାତ ଆଠ ଜଣ ଯୁବକ ଓ ମହିଳା ଦୁଇଟି ବାଇକ୍ ଓ ସାଇକେଲ ଜରିଆରେ ଆସି ବିଲରେ ଗୋରୁଗାଈ ଚରୁଥିବା ସମୟରେ ଗୋରୁଗାଈ ଗୁଡିକ ବେକରେ ଦଉଡି ଦେଇ ପଶ୍ଚିମବଙ୍ଗ ନୁଡାଆଡି ଆଡ଼କୁ ନେଇ ଯାଉଥିବା ସମୟରେ ଗୋରୁଗାଈର ମାଲିକ ମିନତୀ ମହାକୁଡ଼, ଛବିରାଣୀ ବେହେରା, କାମିନୀ ସାହୁ ପାଟିକରିବାରୁ ଗ୍ରାମର କିଛି ଯୁବକ ଗୋରୁଗାଈ ଚୋରିକରି ଥିବା ସନ୍ଦେହରେ ଦୁଇ ଯୁବକ ସେକ୍ ଉସାରଉଦ୍ଦିନ, ସନ୍ତୋଶପୁର, ଜୟଦେବ ପାତ୍ର ଓ ଦୁଇ ମହିଳାଙ୍କୁ ପରିଜନ୍ ବେୱା, ଚନନ୍ଦା ବିବି ନୁଣାଆଡି, ପଶ୍ଚିମବଙ୍ଗ, କାବୁ କରି ଗ୍ରାମର ମଧ୍ୟଭାଗରେ ଥିବା ଗଛରେ ବାନ୍ଧି ଦୁଇ ପୁରୁଷଙ୍କୁ ନିର୍ଦ୍ଧୁମ ପିଟିଥିଲେ। ଖବର ପାଇ ଭୋଗରାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ସେମାନଙ୍କୁ ଉଦ୍ଧାର କରି ଗାଡିରେ ବସାଇ ଥିଲେ। ଗ୍ରାମର କିଛି ଯୁବକ ପୁଲିସ ଗାଡିଆଗରେ ଛିଡାହୋଇ ଦୀର୍ଘ ସମୟ ପ୍ରତିବାଦ କରିଥିଲେ। ସ୍ଥାନୀୟ ସରପଞ୍ଚଙ୍କ ପ୍ରତିନିଧି ବିଦ୍ୟୁତ ଜେନା, ପୂର୍ବତନ ସରପଞ୍ଚ ରାଜୀବ ଲୋଚନ ତୋଳା, ପୂର୍ବତନ ସମିସଭ୍ୟ ଜୟନ୍ତ ତୋଳା ପ୍ରମୁଖ ଉପସ୍ଥିତ ହୋଇ ଗ୍ରାମବାସୀଙ୍କୁ ବୁଝାସୁଝା କରିବା ପରେ ପରିସ୍ଥିତିରେ ସୁଧାର ଆସିଥିଲା। ଏ ନେଇ ଗ୍ରାମର କିଛି ଲୋକ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୁଲିସ ଅଭିଯୋଗ ମୁଳେ ଅଭିଯୁକ୍ତମାନଙ୍କୁ ଅଟକ ରଖି ତଦନ୍ତ ଚଳାଇଛନ୍ତି।

# ରଜରେ କୁନି ତାରକା କାର୍ଯ୍ୟକ୍ରମ



ଔପଦା, ୧୫।୬(ସମିସ): ବାଲେଶ୍ୱର ଜିଲ୍ଲା ଔପଦା ବ୍ଲକ ଜୁରିଆପାଟଣା ଗ୍ରାମ ଷ୍ଟେଜ ଛକଠାରେ ପବିତ୍ର ରଜ ଅବସରରେ ଗ୍ରାମର କୁନି କୁନି ପିଲାମାନଙ୍କୁ ନେଇ ଏକ କୁନି ତାରକା ନୃତ୍ୟ ସଙ୍ଗୀତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ନୀଳଗିରି ବିଧାୟକ ସନ୍ତୋଷ ଖଟୁଆ ମୁଖ୍ୟଅତିଥି ଭାବେ ଯୋଗ ଦେଇ କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଶୁଭ ଉଦଘାଟନ କରିଥିଲେ। ଗ୍ରାମାଞ୍ଚଳରେ ଏହିପରି କାର୍ଯ୍ୟକ୍ରମ କରିବା ଦ୍ୱାରା ଆମ ଭିତରେ ଭାଇଚାରା ଓ ମୈତ୍ରୀତା ସମ୍ପର୍କ ଭାବ ଜାତ ହୋଇଥାଏ। ଯାହା ଦ୍ୱାରା ଅଞ୍ଚଳର ଶାନ୍ତିଶୃଙ୍ଖଳା ପରିବେଶ ବାତାବରଣ ସୃଷ୍ଟି ହୋଇଥାଏ ବୋଲି ବିଧାୟକ ଶ୍ରୀ ଖଟୁଆ ନିଜ ବକ୍ତବ୍ୟରେ କହିଥିଲେ। ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ସାମ୍ବାଦିକ ଅଶେଷ ସ ଯୋଗଦାନ ଦେଇ ଏହିପରି କାର୍ଯ୍ୟକ୍ରମ ଏକ ସ୍ୱାଗତ ଯୋଗ୍ୟ ବିଶେଷ କରି ଗ୍ରାମାଞ୍ଚଳରେ ଏ ପ୍ରକାର କାର୍ଯ୍ୟକ୍ରମ କରିବା ଦ୍ୱାରା ପିଲାମାନଙ୍କର ନାଚିବା, ଖେଳିବା ଓ ପାଠ ପଢ଼ିବା ପାଇଁ ସେମାନଙ୍କର ଆଗ୍ରହ ବଢ଼ିବା ହେତୁ ସମାଜର କଲ୍ୟାଣ ଦିଗ୍‌କୁ ସୂଚେଇ ଥାଏ। ଆଜିର ଶିଶୁ କାଲି ଭାରତର ନାଗରିକ ତେଣୁ ଶିଶୁ ବଢ଼ିଲେ ଦେଶ ବଢ଼ିବ ଏହା କହି ଆୟୋଜନ କରିଥିବା ଉକ୍ତ ଅନୁଷ୍ଠାନର ସମସ୍ତ ସଦସ୍ୟଙ୍କୁ ସାମ୍ବାଦିକ ଶ୍ରୀ ସ ଧନ୍ୟବାଦ ଜଣାଇଥିଲେ। ଅନ୍ୟ ଅତିଥି ମାନଙ୍କ ମଧ୍ୟରେ ସାମ୍ବାଦିକ ଲୋକନାଥ ପରିଡ଼ା, ଶ୍ରୀରାମ ଜୀବନ ବୀମାର ଅଧିକାରୀ ପ୍ରାଣକୃଷ୍ଣ ମଲ୍ଲିକ, ସମାଜସେବୀ ଅନନ୍ତ ମଲିକ, ସନ୍ଥ ସଦଗୁରୁ ପଞ୍ଚଲିଙ୍ଗେଶ୍ୱର ପୀଠର ପୀଠ୍‌ଏ୍‌ଧେଶ୍ୱର ଶ୍ରୀ କମଳ ମହାପ୍ରଭୁ ଜୀ, ସମାଜସେବୀ ବିମଳ କୁମାର ଦଳେଇ, ନୃତ୍ୟଗୁରୁ ସନ୍ତୋଷ କୁମାର ଦଳେଇ, ଆଙ୍କର ସଙ୍ଗୀତ ଗାୟକ ବାସୁଦେବ ମଲ୍ଲିକ ଅନୁଷ୍ଠାନ ତରଫରୁ କାର୍ତ୍ତିକ ମଲ୍ଲିକ, ମାନସ ରଞ୍ଜନ ଦଳେଇ, ସୁଦାମ ମଲ୍ଲିକ, ଲକ୍ଷ୍ମୀ ଦଳେଇ, ରମାକାନ୍ତ ମଲ୍ଲିକ ସୁଶାନ୍ତ ମଲ୍ଲିକ ପ୍ରମୁଖ ଯୋଗ ଦେଇ ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମରେ ପାଞ୍ଚଶହରୁ ଉର୍ଦ୍ଧ୍ୱ ଦର୍ଶକ ଉପସ୍ଥିତ ରହି କୁନି କୁନି ପିଲାମାନଙ୍କ ର ନୃତ୍ୟ ସଙ୍ଗୀତ ଉପଭୋଗ କରିଥିଲେ।






### ସୋଲପଟାରେ ରଜ ମଉଜ -୨୦୨୪ ପାଳିତ

# 'ଖାଦ୍ୟ ବିନା ଜୀବନ ଏବଂ ସଂସ୍କୃତି ବିନା ବଞ୍ଚିବା ଅର୍ଥହୀନ'





ହଳଦୀପଦା/ବାଲେଶ୍ୱର, ୧୫।୬(ସମିସ): କଳା, ସାହିତ୍ୟ, ସଂସ୍କୃତି, ଐତିହ୍ୟ, ପରମ୍ପରାର ମାଟି ଓଡ଼ିଶା। ବାର ମାସରେ ତେର ପର୍ବ ପାଳନ କରିବାର ପରମ୍ପରା ଓଡ଼ିଶାରେ ଆଦି କାଳରୁ ରହି ଆସିଛି। ଔଦ୍ୟୋଗିକତାର ବିକାଶ ଏବଂ ଅତ୍ୟାଧୁନିକ ଯୁଗରେ ମୋବାଇଲର ପ୍ରଚୁର ବ୍ୟବହାର ଯୋଗୁଁ ଧୀରେ ଧୀରେ ଆମ ଯୁବପିଢ଼ି ଏ ସବୁଥିରୁ ବହୁ ଦୂରକୁ ଚାଲି ଯାଉଛନ୍ତି। ଆମ ଇତିହାସ ଏବଂ ପରମ୍ପରା ବିନା ଭବିଷ୍ୟତ ସଂରଚନା କରିବା ସମ୍ଭବ ନୁହେଁ। ଏଣୁ ଖାଦ୍ୟ ବିନା ଜୀବନ ଏବଂ ସଂସ୍କୃତି ବିନା ବଞ୍ଚିବା ଅର୍ଥହୀନ ବୋଲି କାର୍ଯ୍ୟକ୍ରମରେ ଆୟୋଜିତ ସଭାରେ ଉପସ୍ଥିତ ଅତିଥିମାନେ ମତବ୍ୟକ୍ତ କରିଥିଲେ। ସଦର ବ୍ଲକ ଅନ୍ତର୍ଗତ ଛାନୁଆ ପଞ୍ଚାୟତ ଅଧୀନସ୍ଥ ସୋଲପଟା ଗ୍ରାମରେ ତିନିଦିନ ବ୍ୟାପୀ ପଞ୍ଚମୀ ବାଡ଼ିରେ ଧୁମଧାମରେ ଗାଁ ଝିଅ ବୋହୂମାନଙ୍କୁ ନେଇ ସରସ୍ୱତୀ କ୍ଲବର ସଦସ୍ୟମାନେ ରଜ ଉତ୍ସବ ପାଳନ କରିଛନ୍ତି। ଏହି ଅବସରରେ ପୁଚି, ଡିଆଁ ଦୌଡ଼ି, ବାଉଁଶ ଖେଳ, ଜୋତା ସଜଡ଼ା, ବୁରା ଦୌଡ଼, ଲୁଡୋ, ଶଙ୍ଖ ଫୁଙ୍କା, ତାସ, ବଲ ପାସ, ମ୍ୟୁଜିକ ଚେୟାର ଆଦି ଅନେକ ଗୁଡ଼ିଏ ଖେଳ ଓ ପ୍ରତିଯୋଗିତାମାନ ଆୟୋଜିତ କରାଯାଇଥିଲା। ସବୁଠାରୁ ବିଶେଷ ଆକର୍ଷଣ ଥିଲା ରଜ ବିୟୁଟି ପ୍ରତିଯୋଗିତା ଯେଉଁଥିରେ ମେହେନ୍ଦି, ମୁଣ୍ଡ କୁଣ୍ଡାଇବା, ରଙ୍ଗୋଲି, ରାମ୍ପ ୱାକ ମାଧ୍ୟମରେ ସୌନ୍ଦର୍ଯ୍ୟ ପ୍ରଦର୍ଶନ ଓ ନୃତ୍ୟ ପରିବେଷଣ ଆଦି ଅତ୍ୟନ୍ତ ମନମୁଗ୍ଧକର ଥିଲା। ଗ୍ରାମାଞ୍ଚଳରେ ବାସ କରୁଥିବା ବିବାହିତ ମହିଳା ଏବଂ କୁଆଁରୀ କନ୍ୟାମାନେ ବେଶ ଆଗ୍ରହ ସହକାରେ ଉପରୋକ୍ତ ପ୍ରତିଯୋଗିତାରେ ଭାଗ ନେବାର ନଜିର ଥିଲା। ଲୋପ ପାଇଯାଉଥିବା ପରମ୍ପରାକୁ ପୁଣି ଥରେ ଋଦ୍ଧିମନ୍ତ କରାଇବା ଏବଂ ପର ପିଢିକୁ ଉତ୍ସାହିତ କରିବା ଦିଗରେ ଏହି ଗ୍ରାମର ମହିଳାମାନଙ୍କ ଉପସ୍ଥିତି ଅତ୍ୟନ୍ତ ପ୍ରଶଂସନୀୟ ଥିଲା। ଏହି କାର୍ଯ୍ୟକ୍ରମ ଗତ ୧୩ ତାରିଖରୁ ଆରମ୍ଭ ହୋଇ ୧୫ ତାରିଖରେ ଶେଷ ହୋଇଥିଲା। ଅନୁଷ୍ଠାନର ସଭାପତି ଅମୟ କୁମାର ଦାସଙ୍କ ପୌରୋହିତ୍ୟରେ ଭେଷଜ ମହାବିଦ୍ୟାଳୟର ଅଧ୍ୟାପକ ହରିଶଙ୍କର ବେହେରା, ଶିକ୍ଷକ ତରଣୀ ସେନ ବେହେରା, ବିଜୟ ବେହେରା, ସ୍ୱାସ୍ଥ୍ୟ କର୍ମୀ ଅରୁଣ ନାୟକ, ବ୍ୟାଙ୍କ ପରିଚାଳକ ରାଜକିଶୋର ରାଉତ, ବ୍ୟାଙ୍କ କର୍ମୀ ଗୌରାଙ୍ଗ ପ୍ରଧାନ ଏବଂ ଦେଶ ମାଲିକ ସତ୍ୟରଞ୍ଜନ ରାଉତ ଓ ମନ୍ମଥ ବେହେରା ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ଶେଷରେ ସମସ୍ତ କୃତି ପ୍ରତିଯୋଗୀଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କାର ପ୍ରଦାନ କରାଯିବା ସହ ରଜ ବିୟୁଟିଙ୍କୁ ଅଳଙ୍କାର ଆଦି ପ୍ରଦାନ କରା ଯାଇଥିଲା। ଶେଷରେ ଅକ୍ଷୟ କୁମାର ଦାସ ଅଧିକାରୀ ଧନ୍ୟବାଦ ପ୍ରଦାନ କରିଥିଲେ। ସମ୍ପାଦକ କାଳି ଚରଣ ମହାଲିକଙ୍କ ତତ୍ତ୍ୱାବଧାନରେ ରାଜା, ସନ୍ତୋଷ ଏବଂ ସୁଦର୍ଶନ ପ୍ରତିଯୋଗିତା ଗୁଡ଼ିକୁ ପରିଚାଳନା କରିଥିବା ବେଳେ ଚିନୁ, ବିନୁ, ଗଜେନ୍ଦ୍ର, ଗୌର, ଶଙ୍କର, ଅନାମ, ଦେବାଶିଷ, ଲକ୍ଷ୍ମୀଧର, ରତ୍ନାକର, ମାନସ ପ୍ରମୁଖ ସହଯୋଗ କରିଥିଲେ।

## ଶିଶୁ ମୃତ୍ୟୁକୁ ନେଇ ଜିଲ୍ଲା ମୁଖ୍ୟ ଡାକ୍ତରଖାନାରେ ଉତ୍ତେଜନା



ଧାରଣାରେ ବସିଲେ ପରିବାର ଲୋକେ

ବାଲେଶ୍ୱର, ୧୫।୬(ସମିସ): ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ସ୍ତ୍ରୀ ଓ ପ୍ରସୂତି ବିଭାଗରେ ସଦ୍ୟ ଜାତ ଶିଶୁ ମୃତ୍ୟୁକୁ ନେଇ ଚାପା ଉତ୍ତେଜନା ପ୍ରକାଶ ପାଇଛି। ସୋର କୁରୁଡ଼ା ଅଞ୍ଚଳର ମମତା ଦାସ ସାତ ମାସର ଗର୍ଭବତୀ ଥିବା ଯୋଗୁଁ ଗତ ମଙ୍ଗଳବାର ରାତିରେ ତାଙ୍କ ପେଟରେ ଯନ୍ତ୍ରଣା ହେଇଥିଲା। ଚିକିତ୍ସା ପାଇଁ ଜିଲ୍ଲା ମୁଖ୍ୟ ଡାକ୍ତରଖାନାକୁ ସ୍ୱାମୀ ବିଜୟ ଦାସ ସେହି ରାତିରେ ଆଣିଥିଲେ। ମାତ୍ର ସେତେବେଳେ କୌଣସି ଡାକ୍ତର ପ୍ରସୂତି ବିଭାଗରେ ନ ଥିଲେ। ଡାକ୍ତରଖାନାରେ ରହିବାର ତିନିଦିନ ପରେ ଶୁକ୍ରବାର ସକାଳେ ମହିଳାଙ୍କୁ ଚେକ୍ ଅପ କରିଥିଲେ ଡାକ୍ତର। ପରେ ଏକ ମୃତ ଶିଶୁକୁ ଜନ୍ମ ଦେଇଥିଲେ ମମତା। ମାତ୍ର ପରିବାର ଲୋକେ ଅସନ୍ତୋଷ ପ୍ରକାଶକରି ଡାକ୍ତରଙ୍କ ଅବହେଳା ପାଇଁ ଏପରି ହୋଇଛି ଅଭିଯୋଗ ଆଣି ମୁଖ୍ୟ ଚିକିତ୍ସାଳୟର ସ୍ତ୍ରୀ ଓ ପ୍ରସୂତି ବିଭାଗ ଆଗରେ ପାଟିତୁଣ୍ଡ କରିବା ସହିତ ଧାରଣାରେ ବସିଥିଲେ। ଏହା ଦେଖି ମେଡିକାଲ ପରିସରରେ ଥିବା ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ମମତାଙ୍କ ସ୍ୱାମୀ ବିଜୟ କୁମାର ଦାସଙ୍କ କହିବାନୁଯାୟୀ, ତାଙ୍କ ସ୍ତ୍ରୀ ସାତ ମାସ ଗର୍ଭବତୀ ଥିଲେ। ଅଗଷ୍ଟ ଏଗାର ତାରିଖ ମମତାଙ୍କ ପିଲା ପ୍ରସବ ହେବାର ଦିନଥିଲା। ମାତ୍ର ହଠାତ ଅସମୟରେ ପ୍ରସବ ଯନ୍ତ୍ରଣା ଆରମ୍ଭ ହେବା ଏବଂ ଡାକ୍ତରଙ୍କ ପକ୍ଷରୁ ସଠିକ ସମୟରେ ତାଙ୍କୁ ଚିକିତ୍ସା ଯୋଗାଇ ଦିଆ ନଯିବା ଯୋଗୁ ମା' ପେଟରେ ଶିଶୁର ମୃତ୍ୟୁ ହୋଇଛି ବୋଲି ଶ୍ରୀ ଦାସ କହିଛନ୍ତି। ତେବେ ଡାକ୍ତରଙ୍କ ପକ୍ଷରୁ ମମତାଙ୍କ ସ୍ୱାମୀ ବିଜୟଙ୍କୁ ବୁଝାଇବାରୁ ସେ ଧାରଣାରୁ ଉଠିଥିଲେ।

## ଅବସରପ୍ରାପ୍ତ ପ୍ରଧାନଶିକ୍ଷକଙ୍କ ପରଲୋକ

ବାଲେଶ୍ୱର, ୧୫।୬(ସମିସ): ରେମୁଣା ବ୍ଲକ ଜଙ୍ଗରାଇ ଗ୍ରାମର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ସୁଦାମ ଚରଣ ପୃଷ୍ଟି(୭୪)ଙ୍କ ପରଲୋକ ହୋଇଯାଇଛି। କିଛିଦିନ ତଳେ ସେ ମସ୍ତିଷ୍କଜନିତ ରୋଗରେ ଆକ୍ରାନ୍ତ ହୋଇ ଗୁରୁତର ଅବସ୍ଥାରେ ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଆଇସିୟୁରେ ଭର୍ତ୍ତି ହୋଇଥିଲେ। ସେଠାରେ ଚିକିତ୍ସିତ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ପରେ ତାଙ୍କ ମରଶରୀର ପୈତୃକ ଗାଁ ଜଙ୍ଗରାଇକୁ ନିଆଯାଇଥିଲା। ମୃତ୍ୟୁଶଯ୍ୟା ନିକଟରେ ତାଙ୍କର ପତ୍ନୀ ସରସ୍ୱତୀ, ଭାଇ ସିନ୍ଧେଶ୍ୱର, ଭାଇବୋହୂ ସନ୍ଧ୍ୟାରାଣୀ, ଏକମାତ୍ର ପୁତ୍ର ସତ୍ୟନାରାୟଣ, ପୁତ୍ରବୋଧୂ ଦୀପମାଳା, ଝିଅ- ସବିତା, ଅମିତା, ସସ୍ମିତା, ଜ୍ୱାଇଁ ପ୍ରତାପ, ବେଣୁଧର, ସଞ୍ଜୟ, ନାତୁଣୀ ଲିପିକା ଓ ପରିବାରବର୍ଗ ଉପସ୍ଥିତ ଥିଲେ। ଖବର ପାଇ ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ଶିକ୍ଷାବିତ୍, ଛାତ୍ରଛାତ୍ରୀ, ବନ୍ଧୁବାନ୍ଧବ ତାଙ୍କ ବାସଭବନରେ ପହଞ୍ଚି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ପରେ ଏକ ଶୋଭାଯାତ୍ରାରେ ଗାଁ ଶ୍ମଶାନରେ ଶେଷକୃତ୍ୟ କରାଯାଇଥିଲା। ସୂଚନାଯୋଗ୍ୟ, ସ୍ୱର୍ଗତ ପୃଷ୍ଟି ୨୦୧୨ ମସିହାରେ ଜଙ୍ଗରାଇ ନୋଡାଲ ୟୁପି ସ୍କୁଲରୁ ଅବସର ପରେ ବାଲେଶ୍ୱର ସହର ନେଳିଆବାଗସ୍ଥିତ ବାସଭବନରେ ପୁଅବୋହୂଙ୍କ ନିକଟରେ ରହି ଆସୁଥିଲେ।

## ମିଳିତ ନିଶା ନିବାରଣ ଅଭିଯାନର ବାର୍ଷିକ ସମ୍ମିଳନୀ ପ୍ରସ୍ତୁତି

ବାଲେଶ୍ୱର, ୧୫।୬(ସମିସ): ମିଳିତ ନିଶା ନିବାରଣ ଅଭିଯାନ ପକ୍ଷରୁ ବାର୍ଷିକ ସମ୍ମିଳନୀ ପ୍ରସ୍ତୁତି ବୈଠକ ଆଇନଜୀବୀ ପ୍ରଭାକର ସାହୁଙ୍କ ସଭାପତିତ୍ୱରେ ନେଳିଆବାଗସ୍ଥିତ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ସାଧାରଣ ସମ୍ପାଦିକା ମମତା ମହାପାତ୍ର ଗତ ବୈଠକର ବିବରଣୀ ଉପସ୍ଥାପନ କରିଥିଲେ। ବୈଠକରେ ଅତିଥି ଚୟନ, ମୁଖପତ୍ର ପ୍ରକାଶନ, ନିଶା ନିବାରଣ କ୍ଷେତ୍ରରେ କାର୍ଯ୍ୟରତ ସଂଗଠନମାନଙ୍କୁ ସମ୍ବର୍ଦ୍ଧିତ କରିବା ତଥା ଆଗାମୀ କାର୍ଯ୍ୟ ଖସଡ଼ା ସମ୍ବନ୍ଧରେ ଆଲୋଚନା ହୋଇ ପ୍ରସ୍ତାବ ଗୃହୀତ ହୋଇଥିଲା। ବୈଠକରେ ସର୍ବଶ୍ରୀ ସୁବ୍ରତ କର, ଡ. କେଶବ ଚରଣ ପଣ୍ଡା, ଡ. କ୍ଷିତୀଶ୍ୱର ଦାଶ, ପ୍ରଫୁଲ୍ଲ କୁମାର ଦାସ, ଗୀତାଞ୍ଜଳି ସିଂହ, କମଳାକାନ୍ତ ଦାଶ, ଶଚୀନ୍ଦ୍ର ଦାସ, ଶଶାଙ୍କ ଶେଖର ଦତ୍ତ, ଗଙ୍ଗାଧର ପୃଷ୍ଟି, ଭାରତୀ ପଣ୍ଡା, ରବିନାରାୟଣ ଭୋଳ, ରମେଶ ଚନ୍ଦ୍ର ଜେନା, ଯୋଗେଶ ଚନ୍ଦ୍ର ପ୍ରଧାନ, ଗୟାଧର କର, ପ୍ରଭାକର ସାହୁ(ଖ) ଓ ବସନ୍ତ ପ୍ରଧାନ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ। ଶେଷରେ ଉପ ସଭାପତି ସମରେନ୍ଦ୍ର ନାଥ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ନୃତ୍ୟ ସଙ୍ଗୀତ କଳା ମନ୍ଦିରରେ ଲୋକକଳା ଦିବସ ପାଳିତ



ବାଲେଶ୍ୱର, ୧୫।୬ (ସମିସ): ବିଜୁ ଜନତା ଦଳ ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟ ପକ୍ଷରୁ ସ୍ଥାନୀୟ ନୃତ୍ୟ ସଙ୍ଗୀତ କଳା ମନ୍ଦିରରେ ଲୋକକଳା ଦିବସ ପାଳିତ ହୋଇଯାଇଛି। ଜିଲ୍ଲା ସଭାପତି ଜ୍ୟୋତି ପ୍ରକାଶ ବାରିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବାଲେଶ୍ୱର ପୌରାଧ୍ୟକ୍ଷା ସବିତା ସାହୁ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ଅଧ୍ୟକ୍ଷ ନାରାୟଣ ଚନ୍ଦ୍ର ପ୍ରଧାନ, ବ୍ରିଟ ଅଧ୍ୟକ୍ଷ ଆଲୋକ କୁମାର ସାହୁ ଉପସ୍ଥିତ ଥିଲେ। ୨୦୧୯ ମସିହାରୁ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ପହିଲି ରଜକୁ ଲୋକକଳା ଦିବସ ଭାବେ ଉତ୍ସର୍ଗୀକୃତ ହୋଇଥିବାରୁ ପ୍ରତିବର୍ଷ ପୁରପଲ୍ଲୀର କଳାକାରମାନେ ଏହି ଦିନକୁ ଲୋକକଳା ଦିବସ ପାଳନ କରନ୍ତି ବୋଲି ଜ୍ୟୋତି ପ୍ରକାଶ ବାରିକ ସୂଚନା ଦେଇଥିଲେ। ଏହି ଅବସରରେ ବସ୍ତା-ବାଲିଆପାଳର ନବନିର୍ବାଚିତ ବିଧାୟକ ସୁବାସିନୀ ଜେନାଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ପରେ ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ଆସିଥିବା ଲୋକକଳା ଦଳମାନେ ଆଦିବାସୀ ଲୋକନୃତ୍ୟ, ଚଢେୟା ଚଢେୟାଣୀ, ଦଧିନାଟ, ସଂକୀର୍ତ୍ତନ, ଦାସକାଠିଆ, ଭଜନ ଆଦି ପରିବେଷଣ କରାଯାଇଥିଲା। ଟାଉନ ସଭାପତି ସବିର ଖାନ୍, ରେମୁଣା ସଭାପତି ଶ୍ୟାମସୁନ୍ଦର ଦାସ, ଅମିତା ପାତ୍ର, ହରପ୍ରିୟା ମହାପାତ୍ର, ମଞ୍ଜୁଲତା ରଣା, ଶକ୍ତିସୁଧା ବାରିକ, ଶରତ ମହାରଣା, ଇତିକୃଷ୍ଣା ସ୍ୱାଇଁ, ସୋନାଲି ସାହା, ଶାନ୍ତନୁ ମହାନ୍ତି, ଅଶ୍ୱିନୀ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ବର୍ଷାହେଲେ ବ୍ରିଜ୍ ତଳ ରାସ୍ତା ମରଣଯନ୍ତା



> ଅସ୍ଥାୟୀ ସର୍ଭିସ ରୋଡ୍ ତିଆରି କରାନଯାଇ, ନିର୍ମାଣ ହେଉଛି ରେଲୱେ କ୍ରସିଂ ଓଭରବ୍ରିଜ
>
> ଘୋର ଅସନ୍ତୋଷ ପ୍ରକାଶ କରୁଛନ୍ତି ସ୍ଥାନୀୟ ଲୋକମାନେ
>
> ତୁରନ୍ତ ସର୍ଭିସ ରୋଡ୍ ନିର୍ମାଣ ଦାବି

ବାଲେଶ୍ୱର, ୧୫।୬ (ସମିସ): ବାଲେଶ୍ୱର ପୂର୍ତ୍ତ ବିଭାଗ ଡିଭିଜନ-୧ର ଯନ୍ତ୍ରୀମାନେ ବାଲେଶ୍ୱର ପୌରପାଳିକା ଅନ୍ତର୍ଗତ ୧୯ ନମ୍ବର ୱାର୍ଡର ଅଙ୍ଗାରଗଡ଼ିଆ ରେଲୱେ କ୍ରସିଂ ଠାରେ ନିର୍ମାଣାଧୀନ ଓଭରବ୍ରିଜ ତଳେ ସର୍ଭିସ ରୋଡ ନିର୍ମାଣ ନ କରି ବ୍ରିଜ ନିର୍ମାଣ କାର୍ଯ୍ୟ ଆରମ୍ଭ କରିଛନ୍ତି। ଏହି ବ୍ରିଜର ସିଂହ ଭାଗ କାର୍ଯ୍ୟ ଶେଷ ହୋଇଆସିଲାଣି। ମାତ୍ର ବର୍ଷା ହେଲେ ନିର୍ମାଣାଧୀନ ବ୍ରିଜ ତଳ ରାସ୍ତା ଜଳମଗ୍ନ ହେଇ ଲୋକ ମାନଙ୍କ ଯାତାୟାତ ପାଇଁ ବିପଦ ସଂକୁଳ ହେଇ ଉଠୁଛି। ମୌସୁମୀ ବର୍ଷା ଆରମ୍ଭ ହେବା ପୂର୍ବରୁ ତୁରନ୍ତ ଏହି ନିର୍ମାଣାଧୀନ ବ୍ରିଜ ତଳେ ଅସ୍ଥାୟୀ ସର୍ଭିସ ରୋଡ ନିର୍ମାଣ କରିବାକୁ ସ୍ଥାନୀୟ ଜନ ସାଧାରଣ ପକ୍ଷରୁ ଦାବି ହେଉଛି। ତେବେ ବାଲେଶ୍ୱର ପୌରପାଳିକାର ୧୯ ନମ୍ବର ୱାର୍ଡ ଅନ୍ତର୍ଗତ ପୁଲିସ ଲାଇନ ଛକରୁ ସେଟେଲମେଣ୍ଟ କାର୍ଯ୍ୟାଳୟ ଆଡକୁ ଯାଇଥିବା ରାସ୍ତାର ଅଙ୍ଗାରଗଡ଼ିଆ ରେଲୱେ କ୍ରସିଂ ଉପରେ ଓଭରବ୍ରିଜ ନିର୍ମାଣ ହେଉଛି। ଏହି ବ୍ରିଜ ନିର୍ମାଣ କରିବାର ଅବଧି ସାରିଯାଇ ଥିଲେ ବି ନିର୍ମାଣ କାର୍ଯ୍ୟ ଜାରି ରହିଛି। ଉଚ୍ଛେଦ ପ୍ରକ୍ରିୟାରେ ବିଳମ୍ବ ହେଇଥିବା ଯୋଗୁ ବ୍ରିଜ ନିର୍ମାଣ କାର୍ଯ୍ୟ, ଅବଧି ସମୟ ମଧ୍ୟରେ ଶେଷ ହୋଇପାରି ନାହିଁ। ହେଲେ ବ୍ରିଜ ନିର୍ମାଣ କାର୍ଯ୍ୟ ଆରମ୍ଭ ପୂର୍ବରୁ ଜନ ସାଧାରଣଙ୍କ ଯାତାୟାତ ପାଇଁ ବ୍ରିଜ ତଳେ ବିଭାଗୀୟ ଅଧିକାରୀଙ୍କ ନିର୍ଦ୍ଦେଶରେ ଠିକାଦାର ସର୍ଭିସ ରୋଡ ନିର୍ମାଣ କରିବା କଥା। ମାତ୍ର ସର୍ଭିସ ରୋଡ ନିର୍ମାଣ କରାନଯାଇ ଏହି ବ୍ରିଜ ନିର୍ମାଣ ହେଉଥିବା ଯୋଗୁ ବର୍ଷା ହେଲେ ବ୍ରିଜ ତଳ ରାସ୍ତା ପଥଚାରୀଙ୍କ ପାଇଁ ମରଣ ଯନ୍ତା ପାଲଟି ଯାଉଛି। ତେବେ ପୁଲିସ ଲାଇନ ଛକରୁ ୧୯ ନମ୍ବର ୱାର୍ଡ ଭିତରେ ଯାଇଥିବା ରାସ୍ତାଟି ଭାୟା ସେଟେଲମେଣ୍ଟ ଅଫିସ ହେଇ ବାମପଦା ଠାରେ ୧୬ନମ୍ବର ଜାତୀୟ ରାଜପଥ ସହିତ ଯୋଡ଼ିଛି। ଏହି ରାସ୍ତା, ସହରର ଅନ୍ୟ ଏକ ପ୍ରବେଶ ପଥ ହେଇଥିବା ଯୋଗୁଁ ସେଟେଲମେଣ୍ଟ କାର୍ଯ୍ୟାଳୟ ନିକଟସ୍ଥ ରେଲୱେ ଲାଇନ ଉପରେ ଏକ ନୂତନ ଓଭରବ୍ରିଜ ନିର୍ମାଣ ହେଉଛି। ଏହା ପୂର୍ତ୍ତ ବିଭାଗ ଅଧୀନରେ ହେଉଥିଲାବେଳେ ବାଲେଶ୍ୱର ପୂର୍ତ୍ତ ବିଭାଗ ଡିଭିଜନ ୱାନର ଯନ୍ତ୍ରୀ ମାନେ ଏହି ନିର୍ମାଣାଧୀନ ବ୍ରିଜର ତଦାରଖ ଦାୟିତ୍ୱରେ ଅଛନ୍ତି। ଯେକୌଣସି ସ୍ଥାନରେ ବ୍ରିଜ ନିର୍ମାଣ କାର୍ଯ୍ୟ ଆରମ୍ଭ କରିବା ପୂର୍ବରୁ ଦାୟିତ୍ୱରେ ଥିବା ବିଭାଗୀୟ ଯନ୍ତ୍ରୀ ମାନଙ୍କ ନିର୍ଦ୍ଦେଶରେ ଠିକାଦାର ପ୍ରଥମେ ସାଧାରଣ ଲୋକଙ୍କ ଯାତାୟାତ ପାଇଁ ଅସ୍ଥାୟୀ ସର୍ଭିସ ରୋଡ ନିର୍ମାଣ କରିଥାନ୍ତି। ମାତ୍ର ଅଙ୍ଗାରଗଡ଼ିଆ ଓଭରବ୍ରିଜ ନିର୍ମାଣ କରୁଥିବା ଠିକାଦାର ଓ ବିଭାଗୀୟ ଯନ୍ତ୍ରୀଙ୍କ କ୍ଷେତ୍ରରେ ବ୍ୟତିକ୍ରମ ଦେଖିବାକୁ ମିଳିଛି। ନିର୍ମାଣ କାର୍ଯ୍ୟ ଆରମ୍ଭ ହେବା ପୂର୍ବରୁ ଲୋକ ମାନଙ୍କ ଗମନାଗମନ ପାଇଁ ଅସ୍ଥାୟୀ ସର୍ଭିସ ରୋଡ ନିର୍ମାଣ କରି ନାହାନ୍ତି। ଫଳରେ ଅସରାଏ ବର୍ଷା ହେଲେ ଲୋକମାନଙ୍କୁ ନିର୍ମାଣାଧୀନ ବ୍ରିଜ ତଳ ରାସ୍ତାରେ ଯାତାୟାତ କରିବାକୁ ନାକେଦମ ହେବାକୁ ପଡୁଛି। ବିଶେଷକରି ବର୍ଷା ହେଲେ, ସ୍ଥାନୀୟ ବାସିନ୍ଦା ମାନେ ନିର୍ମାଣାଧୀନ ବ୍ରିଜ ତଳ ରାସ୍ତାରେ ଯାତାୟାତ କରିବାକୁ ବଡ଼ ଅସୁବିଧାର ପଡୁଥିବାର ଅଭିଯୋଗ କରିଛନ୍ତି। ବର୍ଷା ହେଲେ ବ୍ରିଜ ତଳ ରାସ୍ତାରେ ମୋଟରସାଇକେଲ ଆରୋହୀମାନେ ପଡ଼ିଉଠି ଯାଉ ଥିବାର ଦେଖା ଯାଇଛି। ସର୍ଭିସ ରୋଡ ନିର୍ମାଣ ନକରି ରାସ୍ତା ନିର୍ମାଣ କରିବା ବାବଦରେ ଅଙ୍ଗରଗଡ଼ିଆ-୨ର ବାସିନ୍ଦା ସାନୁ ସାହା କହିଛନ୍ତି, ବାଲେଶ୍ୱର ପୂର୍ତ୍ତ ବିଭାଗ ଡିଭିଜନ-୧ର ଯନ୍ତ୍ରୀ ମାନଙ୍କ ସାଧାରଣ ଜ୍ଞାନ ନାହିଁ। ଯଦି ଥାଆନ୍ତା, ତାହେଲେ ଜନ ସାଧାରଣଙ୍କ ଯିବାଆସିବା କରିବା ପାଇଁ ପ୍ରଥମେ ସର୍ଭିସ ରୋଡ ନିର୍ମାଣ କରି ବ୍ରିଜ ନିର୍ମାଣ କାର୍ଯ୍ୟ ଆରମ୍ଭ କରିଥାନ୍ତେ। ବର୍ତ୍ତମାନ ମୌସୁମୀ ବର୍ଷା ଆରମ୍ଭ ହେବ। ଘରୁ ବାହାରି ଏହି ବିପଦ ସଂକୁଳ ରାସ୍ତାରେ ଆମ୍ଭେମାନେ ଯାତାୟାତ କରିବୁ କେମିତି ବୋଲି ପ୍ରଶ୍ନ ଉଠାଇଛନ୍ତି। ସେହିଭଳି ସ୍ଥାନୀୟ ବାସିନ୍ଦା ପ୍ରମୋଦ କୁମାର ସାହୁ କହିଛନ୍ତି, ବର୍ଷା ଦିନ ଆସିଗଲା। ବର୍ଷା ହେଲେ ବ୍ରିଜ ତଳ ଦେଢ଼ ଶହ ମିଟର ରାସ୍ତା ଜଳମଗ୍ନ ହେଇଯାଉଛି। ଲୋକମାନେ ଗୋଟିଏ ପଟରୁ ଅପରପଟକୁ ଯିବା ଆସିବା କରିବେ କେମିତି ? ତେଣୁ ତୁରନ୍ତ ଅସ୍ଥାୟୀ ସର୍ଭିସ ରୋଡ ପୂର୍ତ୍ତ ବିଭାଗ ପକ୍ଷରୁ ନିର୍ମାଣ କରିବାକୁ ଡ. ସାହୁ ଦାବି କରିଛନ୍ତି। ତେବେ ସର୍ଭିସ ରୋଡ ନିର୍ମାଣ କରାନଯାଇ ବ୍ରିଜ ନିର୍ମାଣ କରାଯିବା ବାବଦରେ ଜାଣିବା ପାଇଁ ପୂର୍ତ୍ତ ବିଭାଗ ଡିଭିଜନ-୧ର ଏସଡ଼ିଓ ଦୁର୍ଗା ଚରଣ ସାହୁଙ୍କ ମୋବାଇଲ ଫୋନରେ ବାରମ୍ବାର କଲ କରାଯାଇ ଥିଲେ ବି ସେ କଲ୍ ରିସିଭ କରିନଥିଲେ। ତେବେ ମୌସୁମୀ ବର୍ଷା ଆରମ୍ଭ ହେବା ପୂର୍ବରୁ ନିର୍ମାଣାଧୀନ ବ୍ରିଜ ତଳେ ଅସ୍ଥାୟୀ ସର୍ଭିସ ରୋଡ ନିର୍ମାଣ କରିବାକୁ ସ୍ଥାନୀୟ ଲୋକମାନେ ଦାବି କରିଛନ୍ତି।

## ଆଶ୍ରୟସ୍ଥଳୀରେ ପ୍ରସାଦ ଓ ବସ୍ତ୍ର ବଣ୍ଟନ




ବାଲେଶ୍ୱର, ୧୫।୬ (ସମିସ): ପବିତ୍ର ରଜ ସଂକ୍ରାନ୍ତି ଉପଲକ୍ଷେ ଶନିବାର ଦିନ ସଂକଳ୍ପ ବାଲେଶ୍ୱର ଟ୍ରଷ୍ଟ ପକ୍ଷରୁ ବାଲେଶ୍ୱର ସହରସ୍ଥ ମୁଖ୍ୟ ଡାକ୍ତରଖାନା ପଛପଟେ ପୁରୁଷ ଓ ମହିଳା ଆଶ୍ରୟସ୍ଥଳୀରେ ଅନ୍ତେବାସୀ ମାନଙ୍କୁ ବସ୍ତ୍ର ଓ ପ୍ରସାଦ ବଣ୍ଟନ କରାଯାଇଥିଲା। ଏଠାରେ ଅନ୍ତେବାସୀମାନଙ୍କ ସହିତ ସମସ୍ତ କର୍ମଚାରୀମାନେ ମଧ୍ୟ ଠାକୁରଙ୍କର ପ୍ରସାଦ ଅତି ଆନନ୍ଦରେ ସେବନ କରିଥିଲେ। ଏଥିରେ ଟ୍ରଷ୍ଟର ସଦସ୍ୟମାନେ ପ୍ରସାଦ ବାଣ୍ଟି ଉପସ୍ଥିତ ସମସ୍ତ ଗୁରୁଜନ ମାନଙ୍କର ଆଶୀର୍ବାଦ ଗ୍ରହଣ କରିଥିଲେ। ଏହି ମହତ୍ କାର୍ଯ୍ୟ ପାଇଁ ଟ୍ରଷ୍ଟର ସଭାପତି ସୁଦର୍ଶନ ଦାସ ଅନୁଷ୍ଠାନ ପକ୍ଷରୁ ସମସ୍ତଙ୍କୁ ହୃଦୟରୁ ଧନ୍ୟବାଦ ଦେବା ସହିତ ପ୍ରତ୍ୟେକ ମାନବ ମଧ୍ୟରେ ଈଶ୍ୱର ବିଦ୍ୟମାନ ବୋଲି କହିଛନ୍ତି। ଏହି କାର୍ଯ୍ୟକ୍ରମରେ ସଂକଳ୍ପ ବାଲେଶ୍ୱର ଟ୍ରଷ୍ଟ ପକ୍ଷରୁ ସମ୍ପାଦିକା ସୌଦାମିନୀ ସେନାପତି, ପ୍ରଦୀପ୍ତ କୁମାର ସେନାପତି, ପୂର୍ଣ୍ଣ ଚନ୍ଦ୍ର ନାୟକ, ସନ୍ତୋଷ କୁମାର ରଣା, ନିଲେଶ ଝା, ସୁକାନ୍ତି ଦାସ ଉପସ୍ଥିତ ରହିବା ସହିତ ଲିପ୍ସା ଲେଙ୍କା, ସମିର କୁମାର ମାଝୀ, ସାବିତ୍ରୀ ଦାସ, ସତ୍ୟମ କୁମାର ମିଶ୍ର, ଗୁରୁ ପ୍ରସାଦ ବାରିକ, ସୁବ୍ରତ କୁମାର ମହାନ୍ତି, ହରିହର ବାରିକ, ପ୍ରମୋଦ କୁମାର ରାଉତ, ଆଶିଷ କୁମାର ସାହୁ, ଆଶିଷ କୁମାର ବେହେରା, ଗୌରୀ ମହାନ୍ତି, ଅଭିନାସ ଦାସ, ମନୋରଞ୍ଜନ ରାଉତ, ପ୍ରକାଶ କୁମାର୍ ନାୟକ, ରାଜେଶ ଚନ୍ଦ୍ର ପୁହାଣଙ୍କ ସହିତ ଟ୍ରଷ୍ଟ ର ଅନ୍ୟ ସଦସ୍ୟମାନେ ସକ୍ରିୟ ସହଯୋଗ କରିଥିଲେ।

ସକାଳ THE SAKALA



# ମହିଳାମାନଙ୍କ ନାମରେ ଋଣ ଉଠାଇ ଗ୍ରୁପ ଲିଡର୍ ଫେରାର

**ତୁରୁମୁଙ୍ଗା,୧୫।୬(ସମିସ)**

କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ଅନ୍ତର୍ଗତ ଖିରେଇଟାଙ୍ଗିରି ଗ୍ରାମ ପଞ୍ଚାୟତର ନୂଆଗାଁ ଗ୍ରାମର ମହିଳାମାନେ ଋଣ କରି ଏବେ ହରଡ଼ଘଣାରେ ପଡିଛନ୍ତି। ମହିଳାମାନଙ୍କ ଭିତରେ ଗ୍ରୁପ କରି ବିଭିନ୍ନ ଫାଇନାନ୍ସ କମ୍ପାନୀମାନେ ଗ୍ରାମରେ ଜଣଙ୍କୁ ଗ୍ରୁପ ଲିଡର କରିବା ପରେ ସେହି ଗ୍ରୁପ ଲିଡର ଦ୍ୱାରା ଗ୍ରାମର ମହିଳାମାନଙ୍କୁ ଋଣ ପ୍ରଦାନ କରାଯାଇଥାଏ। ପରେ ସପ୍ତାହରେ ଋଣ ଟଙ୍କା ସହ ସୁଧ ପରିଶୋଧ ମଧ୍ୟ କରିଥାନ୍ତି। ଏହି ଟଙ୍କା ଦେବାନେବା ମଧ୍ୟରେ ଫାଇନାନ୍ସ ଅଧିକାରୀ ସହିତ ଗ୍ରାମର ଗ୍ରୁପ ଲିଡର ରଞ୍ଜୁଲତା ନାଏକ ବିଶ୍ୱାସ ଜମାଇବା ପରେ କୌଶଳ କରି ଏକାଧିକ ମହିଳାଙ୍କ ନାମରେ ଋଣ କରି ସମୁଦାୟ ଋଣ ଟଙ୍କା ନେଇ ଫେରାର ହୋଇଯାଇଛି। ସବୁଠାରୁ ଆଶ୍ଚର୍ଯ୍ୟର କଥା ମହିଳାମାନେ କିଛି ଜାଣି ନଥିଲେ ମଧ୍ୟ ତାଙ୍କ ନାଁରେ ଋଣ କେମିତି ହୋଇ ପାରିଲା, ଆଉ ଫାଇନାନ୍ସ କମ୍ପାନୀ ସେଣ୍ଟର ଲିଡରକୁ କେମିତି ଋଣ ଟଙ୍କା ଦେଇ ଦେଲା ତାହା ଏବେ ଚର୍ଚ୍ଚାର ବିଷୟ ହୋଇଛି। ମହିଳାମାନଙ୍କ ନାଁରେ ଗୁପ୍ତରେ ଋଣ ଉଠାଇ ସେଣ୍ଟର ଲିଡର କିସ୍ତି ମଧ୍ୟ ଦେଇ ଚାଲିଥିଲା। କିନ୍ତୁ ସେ ଫେରାର ହୋଇଯିବା ପରେ ଜଣାପଡିଲା ଯେ ଗ୍ରାମର ଅନେକ ମହିଳାଙ୍କୁ ନ ଜଣାଇ ସେ ଋଣ ଉଠାଇ ଟଙ୍କା ହଡପ କରିଦେଇଛି। ସେ ଫେରାର ହେବା ପରେ ଏବେ ଫାଇନାନ୍ସ କମ୍ପାନୀର କର୍ମଚାରୀମାନେ ମହିଳାମାନଙ୍କ ଘରେ ବାକି ଟଙ୍କା ଆଦାୟ କରିବାପାଇଁ ଜିଦ ଧରି ବସୁଛନ୍ତି। ଦିନ ତମାମ ଘର ବାରଣ୍ଡାରେ ବସି ମହିଳା ମାନଙ୍କୁ ଜୁଲମ କରିବା ସହିତ ବିଭିନ୍ନ ଅଶ୍ଳୀଳ ଭାଷା ମଧ୍ୟ ପ୍ରୟୋଗ କରୁଛନ୍ତି। ନିରୀହ ଆଦିବାସୀ ମହିଳାମାନେ ଏବେ ଫାଇନାନ୍ସ କମ୍ପାନୀ ଜାଲରେ ପଡି ଛଟପଟ ହେଉଥିବା ବେଳେ ଗ୍ରୁପ ଲିଡର ରଞ୍ଜୁଲତା ନାଁ ମଧ୍ୟ ଧରୁନାହାନ୍ତି। ଉଭୟ ଲିଡର ଓ ଫାଇନାନ୍ସ ଅଧିକାରୀ ଜାଣି ଶୁଣି ଏ କାମ କରୁଥିବା ସନ୍ଦେହ ହେଉଛି। କାରଣ ଜଣେ ଋଣ ଗ୍ରହିତା କାର୍ଯ୍ୟାଳୟକୁ ଯାଇ ଦସ୍ତଖତ ନ ଦେଲେ ଏବଂ ନୋମିନି ପାଖରୁ ଦସ୍ତଖତ ନନେଲେ ଋଣ ହୋଇ ପାରେନାହିଁ। ତେଣୁ ଲକ୍ଷ ଲକ୍ଷ ଟଙ୍କା ହଡ଼ପ କରି ଫେରାର ହୋଇ ଯାଇଥିବା ଗ୍ରୁପ ଲିଡର ପ୍ରତି ବର୍ତ୍ତମାନ ସୁଦ୍ଧା ଫାଇନାନ୍ସ କମ୍ପାନୀ ମୁଣ୍ଡ ପୁରାଉନାହିଁ। ଏପଟେ ଘର ଘର ଯାଇ ଋଣ ଟଙ୍କା ଆଦାୟ କରିବା ପାଇଁ ଦାଦାଗିରି କରୁଛନ୍ତି ଫାଇନାନ୍ସ କମ୍ପାନୀର କର୍ମଚାରୀ। ଗ୍ରାମର ମହିଳାମାନଙ୍କ ଗୋଟିଏ ଜିଦ, ତାଙ୍କ ସେଣ୍ଟର ଲିଡର ନ ଆସିବା ପର୍ଯ୍ୟନ୍ତ ଏହାର କୌଣସି ସମାଧାନ ହୋଇ ପାରିବ ନାହିଁ ବୋଲି ଫାଇନାନ୍ସ କମ୍ପାନୀକୁ ଜଣାଇ ଦେଇଛନ୍ତି। କିନ୍ତୁ ଫାଇନାନ୍ସ କମ୍ପାନୀ ମାନେ ରାତିରେ ମଧ୍ୟ ଆସି ନିରୀହ ଆଦିବାସୀ ମହିଳା ମାନଙ୍କୁ ଧମକ ଚମକ ଦେଇ ଟଙ୍କା ନେବା ପାଇଁ ଜୁଲମ କରୁଥିବା ଅଭିଯୋଗ ହୋଇଛି। ଏଥି ପ୍ରତି ପ୍ରଶାସନ ଦୃଷ୍ଟି ଦେଇ ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ପାଇଁ ଗ୍ରାମର ମହିଳାମାନେ ଦାବି କରିଛନ୍ତି।

## ବେକରେ ରଶି ଲଗାଇ ମହିଳାଙ୍କ ଆତ୍ମହତ୍ୟା

**କୁଆମରା,୧୫।୬(ସମିସ):** ଖୁଣ୍ଟା ଥାନା ଅନ୍ତର୍ଗତ ପଶୁଦା ଗ୍ରାମର ଜଣେ ମହିଳା ଭୋର ସମୟରେ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଥିବା ଜଣାପଡିଛି। ମୃତ ମହିଳା ଜଣକ ହେଉଛନ୍ତି ବିଜୟ ସିଂଙ୍କ ସ୍ତ୍ରୀ ଆରତି (୩୩)। ବିଜୟ ସର୍ବଦା ମଦ୍ୟପାନ କରୁଥିବା ବେଳେ ସ୍ତ୍ରୀ ଆରତି ବିରୋଧ କରି ଆସୁଥିଲେ। ମାତ୍ର ବିଜୟ ସବୁଦିନେ ଲୁଚି ଲୁଚି ମଦ ପିଇ ନିଶାସକ୍ତ ଅବସ୍ଥାରେ ଘରକୁ ଫେରୁଥିଲେ। ତେବେ ଏହାକୁ ସହି ନ ପାରି ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଗତ ରାତିରେ ପାଟିତୁଣ୍ଡ ହୋଇଥିଲା। ଆରତୀ ଭୋର ସମୟରେ ରୋଷେଇ ଘରେ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଥିଲେ। ପୁଲିସ ଏକ ମାମଲା ରୁଜୁକରି ତଦନ୍ତ କରୁଛି।

## ପାଇପ୍ ଚୋରିକୁ ନେଇ ମାମଲା

**କୁଆମରା,୧୫।୬(ସମିସ):** ସ୍ୱଚ୍ଛ ପାନୀୟ ଜଳ ଯୋଗାଇ ଦେବା ପାଇଁ ସରକାରଙ୍କ ପକ୍ଷରୁ ଗାଁଠାରୁ ସହର ପର୍ଯ୍ୟନ୍ତ ପାଇପ ଲାଇନ ବିଛା କାର୍ଯ୍ୟ ଚାଲିଛି। ତେବେ ଏହି କାର୍ଯ୍ୟ ମନ୍ଥର ଗତିରେ ଚାଲିଥିବାରୁ ଗ୍ରାମାଞ୍ଚଳରେ ନାନା ସମସ୍ୟା ଦେଖିବାକୁ ମିଳିଛି। ଖୁଣ୍ଟା ଥାନା ତଥା ଗୋପବନ୍ଧୁ ନଗର ବ୍ଲକ ଅନ୍ତର୍ଗତ ଆରପଟା ପଞ୍ଚାୟତ ଖିରିପଦାଠାରେ ଗତ ସପ୍ତାହ ପାଇପ ଲାଇନ କାର୍ଯ୍ୟ ଚାଲିଥିବା ବେଳେ ଏକାଧିକ ସ୍ଥାନରେ ପାଇପଗୁଡିକୁ ଆଣି ଠୁଳ କରାଯାଇଥିଲା। ତେବେ ସେଥିରୁ ୪୫ଟି ପାଇପ ଗତ ୧୩ ତାରିଖରେ ଚୋରି ହୋଇ ଯାଇଥିବା ନେଇ ବିଭାଗର ଏମ୍‌ଡି ଜ୍ୟୋତିପ୍ରକାଶ ପାଢୀ ଥାନା ରେ ଅଭିଯୋଗ କରିଛନ୍ତି। ଏ ନେଇ ଏକ ମାମଲା ରୁଜୁ କରି ପୁଲିସ ତଦନ୍ତ ଚଳାଇଛି।

## ଗାଧୁଆ ଘରେ ଗୋଡ଼ ଖସି ଯିବାରୁ ମହିଳା ମୃତ

**ବେତନଟୀ,୧୫।୬(ସମିସ):** ଦହିକୋଟୀ ଗ୍ରାମରେ ଶନିବାର ସକାଳେ ଗାଧୁଆଘରେ ଗୋଡ ଖସିଯିବାରୁ ତଳେ କଚାଡିହୋଇ ପଡିବା ଦ୍ୱାରା ମୁଣ୍ଡରେ ଆଘାତଲାଗି ଜନୈକା ମହିଳାଙ୍କର ମୃତ୍ୟୁ ଘଟିଥିବା ବେଳେ ବେତନଟୀ ପୁଲିସ ମାମଲା ରୁଜୁକରି ଶବବ୍ୟବଚ୍ଛେଦ କରାଇଛି। ମୃତ ମହିଳା ଜଣକ ହେଉଛନ୍ତି ଦହିକୋଟୀ ଗ୍ରାମର ଆନନ୍ଦ ମହାନ୍ତଙ୍କ ଝିଅ ଲାବଣ୍ୟ ମହାନ୍ତ (୫୪)। ସୂଚନା ମୁତାବକ ଶନିବାର ସକାଳେ ଅସାବଧାନତାବଶତଃ ଗାଧୁଆଘରେ ଗୋଡ ଖସିଯିବାରୁ ଲାବଣ୍ୟ ତଳେ ପଡିଯିବାରୁ ତାଙ୍କର ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ସଙ୍ଗେ ସଙ୍ଗେ ତାଙ୍କୁ ଉଦ୍ଧାରକରି ବେତନଟୀ ଡାକ୍ତରଖାନା ଅଣାଯାଇଥିଲା। ପ୍ରାଥମିକ ଚିକିତ୍ସାପରେ ବାରିପଦା ଡାକ୍ତରକାନାକୁ ସ୍ଥାନାନ୍ତର କରାଯାଇଥିବା ବେଳେ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ।

## ଦୁଇଟି ଅଚିହ୍ନା ବୃଦ୍ଧାଙ୍କ ମୃତଦେହ ଉଦ୍ଧାର

**ଜାମଶୋଳା, ୧୫।୬ (ସମିସ):** ମୟୂରଭଞ୍ଜ ଜିଲ୍ଲା ଝାରପୋଖରିଆ ଥାନା ଅନ୍ତର୍ଗତ ସାରସକଣା ଓ ବଣବୁଡ଼ାମାରା ଅଞ୍ଚଳରୁ ଆଜି ଦୁଇଟି ଅଚିହ୍ନା ବୃଦ୍ଧାଙ୍କର ମୃତଦେହକୁ ପୁଲିସ ଉଦ୍ଧାର କରିଛି। ସ୍ଥାନୀୟ ଲୋକଙ୍କ ଠୁ ଖବର ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଅନୁସନ୍ଧାନ ଜାରି ରଖିଛି। ଖବର ଲେଖିବା ବେଳେକୁ ମୃତଦେହ ଚିହ୍ନଟ ହୋଇ ପାରିନାହିଁ। ଶବ ବ୍ୟବଚ୍ଛେଦ ପରେ ମୃତ୍ୟୁର କାରଣ ଜଣାପଡିବ ବୋଲି ପୁଲିସ କହିଛି। ପୁଲିସ ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି।

## ବଂଶୀଧର ବିଦ୍ୟାପୀଠରେ ବନ୍ଧୁମିଳନ



**ଘସିପୁରା,୧୫।୬(ସମିସ):** ଘସିପୁରା ବ୍ଲକ ମଦନପୁର ପଞ୍ଚାୟତରେ ଥିବା ବଂଶୀଧର ବିଦ୍ୟାପୀଠର ୨୦୦୬ ବ୍ୟାଚର ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ପାଳିତ ହୋଇଯାଇଛି। ପୁରାତନ ଛାତ୍ରଛାତ୍ରୀ ଦୂରଦୂରାନ୍ତରୁ ଆସି ଏହି କାର୍ଯ୍ୟକ୍ରମରେ ଯୋଗଦାନ କରିଥିଲେ। ଏହି ସଭା କାର୍ଯ୍ୟକ୍ରମରେ ସଭାପତି ଭାବେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରକ୍ଷାକର ଦାସ, ମୁଖ୍ୟଅତିଥି ରାଷ୍ଟ୍ରୀୟ ପୁରସ୍କାରପ୍ରାପ୍ତ ଉତ୍କଳପ୍ରତିଭା ସିଦ୍ଧେଶ୍ୱର ନାୟକ, ମୁଖ୍ୟବକ୍ତା ପ୍ରାକ୍ତନ ହିନ୍ଦୀ ଶିକ୍ଷକ ଡ. ଯଦୁମଣି ଦାସ, ସମ୍ମାନିତ ଅତିଥି ପ୍ରାକ୍ତନ ଶିକ୍ଷକ ନାରାୟଣ ମାଝୀ, ବରେଣ୍ୟ ଅତିଥି ପ୍ରାକ୍ତନ ସଂସ୍କୃତ ଶିକ୍ଷକ ପଦ୍ମନାଭ ପାଢ଼ୀ, ସମ୍ମାନିତ ବକ୍ତା ପ୍ରାକ୍ତନ ପ୍ରଧାନ ଶିକ୍ଷକ ସଞ୍ଜୟ ରାଉତ, ବରେଣ୍ୟ ଅତିଥି ପ୍ରାକ୍ତନ ପ୍ରଧାନ ଶିକ୍ଷକ ନିରାକାର ରାଉତ, ସମ୍ମାନିତ ବକ୍ତା ପ୍ରାକ୍ତନ ଖେଳ ଶିକ୍ଷକ ଘନଶ୍ୟାମ ଖଟୁଆ ପ୍ରମୁଖ ଯୋଗଦେଇଥିଲେ। ପୁରାତନ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ଧନୁର୍ଜୟ ମହାରଣା ସଭାରେ ଅତିଥି ପରିଚୟ ଦେବା ସଙ୍ଗେସଙ୍ଗେ ସଭା ପରିଚାଳନା କରିଥିଲେ। ଶେଷରେ ଭୋଜିର ଆୟୋଜନ ହୋଇଥିଲା।

**ଖେଲୋଇଣ୍ଡିଆ ଜୋନାଲ୍ ମହିଳା ଉସୁ ଲିଗ୍**

## ୫ ପଦକ ଜିତଲେ ଜିନ୍ଦଲ କ୍ରୀଡ଼ା ଛାତ୍ରାବାସ ଖେଳାଳି





**ଯୋଡ଼ା,୧୫।୬(ସମିସ):** ଓଡ଼ିଶାର ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ବଡ଼ବିଲସ୍ଥିତ ଜିନ୍ଦଲ କ୍ରୀଡା ଛାତ୍ରାବାସର ଉଷୁ ଖେଳାଳିମାନେ କର୍ଣ୍ଣାଟକର ବାଗୋଲକୋଟଠାରେ ଆୟୋଜିତ ସମ୍ମାନଜନକ ଖେଲୋ ଇଣ୍ଡିଆ ଜୋନାଲ ମହିଳା ଉସୁ ଲିଗ୍‌ରେ ୪ଟି ସ୍ୱର୍ଣ୍ଣ ପଦକ ଓ ଗୋଟିଏ କାଂସ୍ୟ ପଦକ ଜିତି ଉଲ୍ଲେଖନୀୟ ସଫଳତା ହାସଲ କରିଛନ୍ତି। ଯୋଡ଼ା-ବଡ଼ବିଲ ଅଞ୍ଚଳ ଓ ଜେଏସପି ଫାଉଣ୍ଡେସନ ପାଇଁ ଗୌରବ ଆଣିଥିବା ଏହି ବିଜେତା ଖେଳାଳିଙ୍କ ମଧ୍ୟରେ ଅଛନ୍ତି ସୁମନ ପାତ୍ର (୩୯ କେଜି ସବ୍-ଜୁନିୟର) ସ୍ୱର୍ଣ୍ଣ ପଦକ, ଶ୍ୱେତାରାଣୀ ମହାନ୍ତ (୪୮ କେଜି ଜୁନିୟର) ସ୍ୱର୍ଣ୍ଣ ପଦକ, ସବିତା ମୁଣ୍ଡା (୫୬ କେଜି ଜୁନିୟର) ସ୍ୱର୍ଣ୍ଣ ପଦକ, ମଞ୍ଜୁ ମୁଣ୍ଡା (୪୫ କେଜି ସିନିଅର) ସ୍ୱର୍ଣ୍ଣ ପଦକ ଓ ଲକ୍ଷ୍ମୀ ମୁଣ୍ଡା (୪୫ କେଜି ଜୁନିୟର) ବ୍ରୋଞ୍ଜ ପଦକ। କମ୍ପାନୀର ସଭାପତି ତଥା ସିଏସ୍ଆର୍ ମୁଖ୍ୟ ଓ କର୍ପୋରେଟ୍ ଯୋଗାଯୋଗ ବିଭାଗ ମୁଖ୍ୟ ପ୍ରଶାନ୍ତ କୁମାର ହୋତା କ୍ରୀଡ଼ାବିତ୍‌ମାନଙ୍କର ଉଲ୍ଲେଖନୀୟ ସଫଳତାକୁ ନେଇ ଖୁସି ବ୍ୟକ୍ତ କରିଛନ୍ତି। ଅଧକ୍ଷା ଶାଲୁ ଜିନ୍ଦଲଙ୍କ ନେତୃତ୍ୱରେ ଜେଏସ୍‌ପି ଫାଉଣ୍ଡେସନ ଏହି ଆଦିବାସୀ ଅଞ୍ଚଳରେ ଉଭୟ ଆଥଲେଟିକ୍ ଉତ୍କର୍ଷତା ଏବଂ ଗରିବ ଯୁବକମାନଙ୍କର ସାମଗ୍ରିକ ବିକାଶରେ ସାହାଯ୍ୟ କରିଆସୁଛି ବୋଲି ସେ କହିଥିଲେ। ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାରର ସାମାଜିକ ଶାଖା, ଜେଏସପି ଫାଉଣ୍ଡେସନ, କେନ୍ଦୁଝର ଜିଲ୍ଲାର ଯୁବକମାନଙ୍କୁ ଉଷୁ ଖେଳିବାକୁ ସହାୟତା ଏବଂ ପ୍ରୋତ୍ସାହନ ଦେଇଆସୁଛି। ଫାଉଣ୍ଡେସନ ଓଡିଶା ରାଜ୍ୟ ଉଷୁ ଆସୋସିଏସନ ସହଯୋଗରେ ଗତ ଏକ ଦଶନ୍ଧିରୁ ଅଧିକ ଦିନ ଧରି କେନ୍ଦୁଝର ଜିଲ୍ଲା ଉଷୁ ଦଳକୁ ପୃଷ୍ଠପୋଷକତା କରିଆସୁଛି। ଫାଉଣ୍ଡେସନ ପକ୍ଷରୁ ତାଲିମ କେନ୍ଦ୍ରର ବିକାଶ, ଜାତୀୟ ସ୍ତରର ପ୍ରଶିକ୍ଷକଙ୍କ ଦ୍ୱାରା ତାଲିମ ସୁବିଧା, ଖେଳାଳିଙ୍କ ପାଇଁ ପୁଷ୍ଟିକର ଖାଦ୍ୟ, ପୋଷାକ ଏବଂ ପରିବହନ ସୁବିଧା ଇତ୍ୟାଦି ପ୍ରଦାନ କରାଯାଉଛି ଓ ଉଷୁ ବ୍ୟତୀତ ଜେଏସପି ଫାଉଣ୍ଡେସନ ଦେଶର ୩୦,୦୦୦ରୁ ଅଧିକ ଗ୍ରାମୀଣ ଓ ଆଦିବାସୀ କ୍ରୀଡ଼ା ପ୍ରତିଭାଙ୍କୁ ମାର୍ଶାଲ୍ ସ୍ପୋର୍ଟସ, ମହିଳା ହକି, ପୁରୁଷ ହକି, ମହିଳା ଫୁଟବଲ, କବାଡ଼ି, ଖୋ-ଖୋ ଏବଂ କ୍ରିକେଟରେ ପ୍ରୋତ୍ସାହିତ କରୁଛି।

## ୪ଟି ସ୍ଥାନରେ ଉଡ଼ାଯାତ୍ରା ଉଦ୍‌ଯାପିତ

**କୁଆମରା,୧୫।୬(ସମିସ):** ପବିତ୍ର ରଜ ସଂକ୍ରାନ୍ତି ଅବସରରେ ଗୋପବନ୍ଧୁ ନଗର ବ୍ଲକର ଆରପଟା ପଞ୍ଚାୟତ ପାଳଶା, ପଶୁଦା, କୁଆମରା ଓ ସାଇଁକୁଳା ପଞ୍ଚାୟତ ଭାନୁପୁରଠାରେ ମାଆ ବାସୁଳୀଙ୍କ ପୀଠରେ ପାରମ୍ପରିକ ଉଡା ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଉଡା ଯାତ୍ରା ତିନି ଦିନ ପୂର୍ବରୁ ଅର୍ଥାତ୍ ବୁଧବାର ସନ୍ଧ୍ୟାଠାରୁ ଆରମ୍ଭ ହୋଇଥିବା ବେଳେ ଶନିବାର ଉଦଯାପିତ ହୋଇଯାଇଛି। ପାଗ ଅନୁକୂଳ ଥିବାରୁ ସମସ୍ତ ସ୍ଥାନରେ ଭରପୁର ଜନସମାଗମ ଦେଖିବାକୁ ମିଳିଥିଲା। ଏଥି ପୂର୍ବରୁ ବିଗତ ସନ୍ଧ୍ୟାରେ ଭକ୍ତମାନଙ୍କ ଦ୍ୱାରା ପୃଥକ ଭାବେ ନିଆଁପାଟ, ଝୁଲାପାଟ ଓ କଣ୍ଟାପାଟ କାର୍ଯ୍ୟ ସମ୍ପନ୍ନ ହୋଇଥିଲା। ଅନୁଷ୍ଠିତ ଉଡା ଯାତ୍ରାରେ କୁଆମରାଠାରେ ବାବୁ ଦେହୁରୀ, ରତ୍ନାକର ଜେନା, ହେମନ୍ତ ଜେନା, ଗଣେଶ୍ୱର ନାଏକ ସମେତ ୧୪ ଜଣ ଭକ୍ତା ଅଂଶ ଗ୍ରହଣ କରିଥିଲେ। ସେହିପରି ବ ପଶୁଦାଠାରେ କମିଟିର ସଭାପତି ଦେବବ୍ରତ ସାହୁ ଓ ସଂପାଦକ ତଥାଗତ ରାଉତଙ୍କ ନେତୃତ୍ୱରେ ବନବିହାରୀ ପରିଡା, ସନ୍ତୋଷ ମଳିକ, ମହାଦେବ ଦେହୁରୀ, ଶିବ ଦେହୁରୀ, ସନ୍ତୋଷ ଦେହୁରୀଙ୍କ ସମେତ ମୋଟ ୨୩ ଜଣ ଭକ୍ତା ଭାବେ କାର୍ଯ୍ୟ ତୁଲାଇଥିଲେ। କମିଟି ଅଧକ୍ଷ ତଥା ସରପଞ୍ଚ ନିମାଇଁ ସରେନଙ୍କ ସମେତ ବିଜୟ କଟୁଆଳ, ଅଜୟ କଟୁଆଳ, ମନୋଜ ପ୍ରଧାନ, କୁଳମଣି କଟୁଆଳ, ଦିଲ୍ଲୀପ ରାଉତ, କାର୍ତିକ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସେହିପରି ପାଳଶାଠାରେ ଭାସ୍କର ଚନ୍ଦ୍ର ବେହେରା, ଦେବାଶିଷ ପୃଷ୍ଟି, ପ୍ରଭାସ ବେହେରା, ରବିନ୍ଦ୍ର ଦଳେଇ ପ୍ରମୁଖଙ୍କ ନେତୃତ୍ୱରେ ପାଟଭକ୍ତା ଭାବେ ଜଗନ୍ନାଥ ଦଳେଇ, ଗିରୀଶ ଦଳେଇ, ରତ୍ନାକର ମଳିକ, ନଡିଆ ସିଂ, ଚଗଲା ଦଳେଇ ପ୍ରମୁଖ କାର୍ଯ୍ୟ ତୁଲାଇଥିଲେ। ଏଠାରେ ମୋଟ ୨୩ ଜଣ ଦାସୀ ଓ ଭକ୍ତା ଉଡା ଖୁଣ୍ଟରେ ଉଡି କାର୍ଯ୍ୟ ସମ୍ପାଦିତ କରିଥିଲେ। ଭାନପୁରଠାରେ ହରି ମଳିକ, ସୁକାନ୍ତ ନାଏକ, ସମ୍ଭୁଆ ଦେହୁରୀଙ୍କ ସମେତ ମୋଟ ୧୨ ଜଣ ଭକ୍ତା ଭାବେ ଚଳିତ ବର୍ଷ କାର୍ଯ୍ୟ ତୁଲାଇଥିଲେ। ପୂର୍ବ ମାନସିକ ଅନୁଯାଇ ମୋଟ ୪ଟି ସ୍ଥାନରେ ୫୬ ଜଣ ଉପାସକ ନିଜ ନିଜ ପିଠିରେ କଣ୍ଟାଫୁଡା କାର୍ଯ୍ୟ ସମ୍ପାଦନ କରିଥିଲେ। ପ୍ରତ୍ୟେକ ସ୍ଥାନରେ କମିଟି ଦ୍ୱାରା ଶାନ୍ତି ଶୃଙ୍ଖଳାର ସହ କାର୍ଯ୍ୟକ୍ରମ ସମାପନ ହୋଇଥିବା ବେଳେ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି।

**ପାଣି ପାଇଁ ପ୍ରଳୟ**

## ଦୁଇ ମହିଳା ଗୋଷ୍ଠୀ ମଧ୍ୟରେ ସଂଘର୍ଷ



**ବଡ଼ବିଲ,୧୫।୬(ସମିସ):** କେନ୍ଦୁଝର ଜିଲ୍ଲା ବଡ଼ବିଲ ତହସିଲ ଅନ୍ତର୍ଗତ ତିନି ନମ୍ବର ୱାର୍ଡରେ ପିଇବା ପାଣି ପାଇଁ ଗୋଷ୍ଠୀ ସଂଘର୍ଷ ହୋଇଥିବା ଜଣାପଡିଛି। ମିଳିଥିବା ସୂଚନା ଅନୁଯାୟୀ ପାଣି ପାଇଁ ଦୁଇ ମହିଳା ଗୋଷ୍ଠୀ ମଧ୍ୟରେ ସଂଘର୍ଷ। ବଡ଼ବିଲ ପୌରାଞ୍ଚଳ ୩ ନମ୍ବର ୱାର୍ଡ, ଓଏମ୍‌ଡିସି କମ୍ପାନୀ ଅଧୀନରେ ଥିବା ଠାକୁରାଣୀ ଅଞ୍ଚଳରେ ପାନୀୟ ଜଳ ସଂଗ୍ରହ କରିବାକୁ ନେଇ ଦୁଇ ମହିଳା ଗୋଷ୍ଠୀଙ୍କ ମଧ୍ୟରେ ସଂଘର୍ଷ ହେବା ଘଟଣାରେ ଉଭୟ ଗୋଷ୍ଠୀରୁ ୪ ଜଣକୁ ପୁଲିସ ଅଟକ ରଖି ପଚାରାଉଚୁରା କରୁଥିବା ଜଣାଯାଇଛି। ଓଏମ୍‌ଡିସି କମ୍ପାନୀ ପକ୍ଷରୁ ଏକ ବୋରୱେଲ ଖୋଳାଯାଇ ସ୍ଥାନୀୟ ଜନସାଧାରଣଙ୍କ ପାଇଁ ପିଇବା ପାଣି ଯୋଗାଇଦିଆଯାଉଥିଲା। ଆଜି ଉକ୍ତ ବୋରୱେଲରୁ ପାଣି ଟ୍ୟାପ ଖରାପ ହୋଇଥିବାରୁ ପାନୀୟ ଜଳ ପାଇବାରୁ ବଞ୍ଚିତ ଥିଲେ ସ୍ଥାନୀୟ ଲୋକେ। ଓଏମ୍‌ଡ଼ିସି କମ୍ପାନୀକୁ ଏନେଇ ସ୍ଥାନୀୟ ଲୋକେ ବାରମ୍ବାର ଅଭିଯୋଗ କରିଆସୁଥିଲେ ହେଁ କମ୍ପାନୀ କର୍ତ୍ତୃପକ୍ଷ କର୍ଣ୍ଣପାତ କରୁନଥିଲେ। ଆଜି ଠାକୁରାଣୀର ଏକ ମହିଳା ଗୋଷ୍ଠୀ ନିଜ ହାତରୁ ଟଙ୍କା ଖର୍ଚ୍ଚ କରି ଏକ ପାଣି ଟ୍ୟାପ ଲଗାଇବା ସମୟରେ ଉକ୍ତ ଗ୍ରାମର ଆଉ ଏକ ମହିଳା ଗୋଷ୍ଠୀ ତାଙ୍କ ଉପରେ ଆକ୍ରମଣରେ କରିଥିଲେ। ଏହି ଆକ୍ରମଣରେ ଉଭୟ ଗୋଷ୍ଠୀର ଏକାଧିକ ମହିଳା ଆହତ ହୋଇଥିବାବେଳେ ଦୁଇ ଜଣ ଗୁରୁତର ଆହତ ହୋଇଥିଲେ। ଗୁରୁତର ଆହତଙ୍କ ମଧ୍ୟରେ ସୀମା ଗୁପ୍ତା ଓ ପୁଷ୍ପା ଦେବୀ ବଡ଼ବିଲ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସିତ ହେଉଥିବା ଜଣାପଡିଛି। ତେବେ ଏ ନେଇ ଚାରି ଜଣ ପୁରୁଷଙ୍କୁ ଥାନାରେ ଅଟକ ରଖାଯାଇଥିବା ବେଳେ ବଡ଼ବିଲ ଥାନା କେଶ୍ ନ ୧୯୮/୨୪ ଓ ୧୯୯/୨୪ରେ ଉଭୟ ପକ୍ଷରୁ ଦୁଇଟି ମାମଲା ରୁଜୁ ହୋଇଥିବା ଜଣାପଡିଛି।

## ଅମିତ ମେମୋରିଆଲ କ୍ରିକେଟ ପ୍ରତିଯୋଗିତା



**ଚମ୍ପୁଆ,୧୫।୬(ସମିସ):** ଚମ୍ପୁଆ ଜାଗର ପଡିଆଠାରେ ରଜ ଉତ୍ସବ ଉପଲକ୍ଷେ ୧୦ମ ଅମିତ ମେମୋରିଆଲ କ୍ରିକେଟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ୮ଟି ଦଳକୁ ନେଇ ଅନୁଷ୍ଠିତ ଏହି ଏକଦିବସୀୟ ପ୍ରତିଯୋଗିତାରେ ପ୍ରଥମ ମ୍ୟାଚରେ ବାବୁସାହି ଏକାଦଶ ଓ ଗୌଡସାହି ଏକାଦଶ ମଧ୍ୟରେ ଅନୁଷ୍ଠିତ ହୋଇଥିବା ବେଳେ ବାବୁସାହି ଏକାଦଶ ବିଜୟ ହୋଇଥିଲା। ଅପରାହ୍ନରେ ଅନୁଷ୍ଠିତ ଅନ୍ତିମ ତଥା ଫାଇନାଲ ମ୍ୟାଚ ବାବୁସାହି ଏକାଦଶ ଓ ଗବର ଏକାଦଶ ମଧ୍ୟରେ ଅନୁଷ୍ଠିତ ହୋଇଥିବା ବେଳେ ପ୍ରଥମେ ଗବର ଏକାଦଶ ବ୍ୟାଟିଂ କରି ନିର୍ଦ୍ଧାରିତ ୬ ଓଭରରେ ୧୦୭ରନ କରିବା ପରେ ବାବୁସାହି ଏକାଦଶ ୧୦୭ ରନ୍‌ର ବିଜୟ ଲକ୍ଷ ନେଇ ୪ ୱିକେଟ ହରାଇ ୯୦ ରନ୍ କରିବାରେ ସକ୍ଷମ ହୋଇଥିଲା। ଏହି ପ୍ରତିଯୋଗିତାରେ ମୁଖ୍ୟଅତିଥି ସ୍ଥାନୀୟ ଯୁବ ନେତା ସୁବାସ ରାମ ଯୋଗଦେଇଥିବା ବେଳେ ଅନ୍ୟତମ ଅତିଥି ଭାବେ ମାନସ ସାହୁ, ଏନ୍‌ଏସି କାଉନସିଲର ଛତ୍ରପତି ନାଏକ, ସତ୍ୟଜିତ ନାଏକ ପ୍ରମୁଖ ଯୋଗଦେଇ ବିଜୟ ଦଳକୁ ୮ ହଜାର ଅର୍ଥରାଶି ଓ ଟ୍ରଫି ଏବଂ ରନର୍ସଅପ ଦଳକୁ ୬ ହଜାର ଅର୍ଥ ରାଶି ସହିତ ଟ୍ରଫି ପ୍ରଦାନ କରିଥିଲେ। ଏହ ପ୍ରତିଯୋଗିତାକୁ ବାବା ଚନ୍ଦ୍ରଶେଖର କ୍ଲବ ସଭାପତି ଲିପୁନ ସାହୁ, ସମ୍ପାଦକ ସୁମିତ ନାଏକ, ପପୁନ ନାଏକ, ବିକାଶ ନାଏକ ପ୍ରମୁଖ ପରିଚାଳନା କରିଥିଲେ। ଆଗକୁ ଏହି ପ୍ରତିଯୋଗିତା ଜାରି ରହିବ ବୋଲି ସଭାପତି ଲିପୁନ ସାହୁ ସୂଚନା ଦେଇଛନ୍ତି।

**ଭଲ ଖବର** | **ତୃଷ୍ଣା ମେଣ୍ଟାଇବାରେ 'ଆମେ ୮୦'ର କାର୍ଯ୍ୟ ପ୍ରଶଂସନୀୟ**

## ଦେଢ଼ଲକ୍ଷ ଲୋକଙ୍କୁ ସର୍ବତ ବଣ୍ଟନ କରିଛି ସଂଗଠନ

**ବାରିପଦା,୧୫।୬(ସମିସ)**



ବାରିପଦା କଚେରୀ ରାସ୍ତାର ପୂର୍ତ୍ତ ବିଭାଗ କାର୍ଯ୍ୟାଳୟ ସମ୍ମୁଖରେ ପଣାସଂକ୍ରାନ୍ତିରୁ ଚାଲିଥିବା ଜଳସେବା ପହଲିରଜରେ ଶେଷ ହୋଇଛି। 'ଆମେ ୮୦' ସଂଗଠନ ପକ୍ଷରୁ ଦୁଇ ମାସ ଧରି ଚାଲିଥିବା ଏହି ଜଳସେବା ମାଧ୍ୟମରେ ଲକ୍ଷାଧିକ ପଥଚାରୀ ତୃଷ୍ଣା ମେଣ୍ଟାଇଛନ୍ତି। ସଂଗଠନର ଏପରି ସେବାକୁ ସାଧାରଣରେ ପ୍ରଶଂସା କରାଯାଇଛି। ୧୯୮୦ମସିହାରେ ମାଟ୍ରିକ ବ୍ୟାଚରେ ପଢୁଥିବା ବାରିପଦା ସହରର ଛାତ୍ରଛାତ୍ରୀଙ୍କୁ ନେଇ ଗଠିତ ହୋଇଛି 'ଆମେ ୮୦' ସଙ୍ଗଠନ ଗଠନ କରାଯାଇଛି। ସଂଗଠନରେ ୧୧୪ସଦସ୍ୟ ରହି ସମାଜସେବା ଭଳି କାର୍ଯ୍ୟ କରିଆସୁଛନ୍ତି। ଜିଲ୍ଲାର କୋଣଅନୁକୋଣରୁ ମୁଖ୍ୟାଳୟ ବାରିପଦାକୁ ଆସୁଥିବା ଲୋକମାନଙ୍କୁ ଗ୍ରୀଷ୍ମ କାଳରେ ଶୀତଳ ପାନୀୟ ଜଳ ଓ ସରବତ ଯୋଗାଇବାକୁ ସଙ୍ଗଠନ ପକ୍ଷରୁ ୨୦୧୪ମସିହାରୁ ଜଳଛତ୍ର କାର୍ଯ୍ୟକ୍ରମ ହାତକୁ ନିଆଯାଉଛି। ପଣା ସଂକ୍ରାନ୍ତି ଦିନଠାରୁ ଏକ ଜଳଛତ୍ର ଖୋଲି ଆମେ-୮୦ ଜଳସେବା ଆରମ୍ଭ ହୋଇଥିଲା। ସେହିପରି ଖରାଦିନେ ରକ୍ତର ଅଭାବକୁ ଦୃଷ୍ଟିରେ ରଖି ରକ୍ତଦାନ ଶିବିର କରାଯାଇ ରୋଗୀଙ୍କୁ ରକ୍ତର ଅଭାବ ଦୂର କରିବାରେ ସହାୟକ ହୋଇଥିଲେ। ସେହିପରି ୨୦୧୮ ମସିହାରେ ରୋଗୀମାନଙ୍କ ବ୍ୟାଡରେ ଗଦିର ଆବଶ୍ୟକତାକୁ ଦେଖି ଶହେଟି ଗଦି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଦାନ କରିଥିଲେ। ବାରିପଦାରେ ଅନୁଷ୍ଠିତ ହେଉଥିବା ରଥଯାତ୍ରାରେ ପାଣି ଟ୍ୟାଙ୍କର ସାହାଯ୍ୟରେ ଲକ୍ଷ ଲକ୍ଷ ଲୋକଙ୍କୁ ଜଳଦାନ କରିଥିଲେ। ସଙ୍ଗଠନର ଏଭଳି ଜନହିତକର କାର୍ଯ୍ୟ ଦେଖି ସଦସ୍ୟଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ଚଳିତ ବର୍ଷ ପଣା ସଂକ୍ରାନ୍ତି ଠାରୁ ଆରମ୍ଭ କରି ରଜ ସଂକ୍ରାନ୍ତି ପର୍ଯ୍ୟନ୍ତ ୬୨ଦିନ ଲଗାତାର ଜଳସେବା କାର୍ଯ୍ୟ କରାଯାଇଛି। ପରିବେଶକୁ ସୁରକ୍ଷା ଦେବାକୁ ଯାଇ ଏଥର ପ୍ଲାଷ୍ଟିକ ଗ୍ଲାସ ବର୍ଜନ କରି କାଗଜ ଗ୍ଲାସ ମାଧ୍ୟମରେ ସରବତ୍ ଦିଆଯାଇଥିଲା। ସରବତ୍ ମଧ୍ୟରେ ଦହି, ଜଳଜିରା ଓ ରସ୍ନା ସରବତ ପିଇବାକୁ ପ୍ରତିଦିନ ଲୋକଙ୍କ ଭିଡ ପରିଲକ୍ଷିତ ହୋଇଥିଲା। ପ୍ରତିଦିନ ଦୁଇ ହଜାରରୁ ଊର୍ଦ୍ଧ୍ୱ ଲୋକ ଏହି ସେବା ପାଇ ଆନନ୍ଦିତ ହୋଇଛନ୍ତି। ଚଳିତ ବର୍ଷ ନିର୍ବାଚନ ଥିବାରୁ ଜଳସେବା ମାଧ୍ୟମରେ ଲକ୍ଷାଧିକ ଲୋକ ଏହି ସେବା ପାଇପାରିଛନ୍ତି। ତେବେ ମୌସୁମୀ ଆଗମନକୁ ନେଇ ଜଳସେବା କାର୍ଯ୍ୟ ଉଦଯାପିତ ହୋଇଯାଇଛି। ସଙ୍ଗଠନର କାର୍ଯ୍ୟକର୍ତାମାନେ ଉପସ୍ଥିତ ରହି ଆଗାମୀ ଦିନରେ ଏହି ସେବାକୁ ଅଧିକ ଲୋକାଭୀମୁଖି କରିବାକୁ ନିଷ୍ପତ୍ତି ଗ୍ରହଣ କରିଛନ୍ତି। ସେହିପରି ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଏକ ଓଆରଏସ ଜଳଛତ୍ର ଖୋଲାଯାଇଥିଲା। କାର୍ଯ୍ୟାଳୟକୁ ଆସୁଥିବା ଲୋକମାନେ ଏହି ସେବା ପାଇ ଖୁସି ପ୍ରକଟ କରିଛନ୍ତି।

## ଶୀର୍ଷାପାଳରେ ନୂତନ ସାଂସଦଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା



**ମୋରଡ଼ା,୧୫।୬(ସମିସ):** ମୟୂରଭଞ୍ଜର ନବନିର୍ବାଚିତ ସାଂସଦ ନବଚରଣ ମାଝୀଙ୍କୁ ଚିତ୍ରଡା ଶୀର୍ଷାପାଳ ଛକ ନିକଟରେ ଅମୂଲ୍ୟ ଦାସ ଏବଂ ଚିତ୍ରଡା ମଣ୍ଡଳ ସଭାପତି ପ୍ରକାଶ ମହାନ୍ତଙ୍କ ନେତୃତ୍ୱରେ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ଶ୍ରୀ ମାଝୀ ବିଜୟ ପରେ ପ୍ରଥମ ଥର ଚିତ୍ରଡାକୁ ଆସିଥିବାବେଳେ ତାଙ୍କ ସହିତ ସାରସକଣା ବିଧାୟକ ଭାଦବ ହାଁସଦା, ପରେଶ ମହାନ୍ତ, ଦାନ୍ତିଆମୁହାଁ ସମିତିସଭ୍ୟ ସୁକୁଲ ମୁର୍ମୁ ଉପସ୍ଥିତ ଥିଲେ। ବିଜେପି କର୍ମୀମାନେ ବାଣ ଫୁଟାଇ ନୂତନ ସାଂସଦଙ୍କୁ ସ୍ୱାଗତ ଜଣାଇଥିବା ବେଳେ ହୀରଣ୍ମୟୀ ମହାନ୍ତ ସମସ୍ତ ନେତାମାନଙ୍କର ପାଦ ଧୋଇ ପାଛୋଟି ନେଇଥିଲେ। ବରିଷ୍ଠ ବିଜେପି କର୍ମୀମାନେ ସମସ୍ତଙ୍କୁ ଫୁଲତୋଡା ଏବଂ ଫୁଲମାଳ ପିନ୍ଧାଇ ଜିନ୍ଦାବାଦ ନାରା ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଯୁବ ମୋର୍ଚ୍ଚା ସଭାପତି ଛତିଶ ମହାନ୍ତ, ରାୟ ବାହାଦୂର ହେମ୍ବ୍ରମ, ହୃଦାନନ୍ଦ ମହାନ୍ତ, ଜଗଦୀଶ ସାହୁ, କମ୍ପାନୀ ମହାନ୍ତ ପ୍ରମୁଖ ବହୁ ଦଳୀୟ କର୍ମୀ ଉପସ୍ଥିତ ଥିଲେ।

# ଗାନ୍ଧୀ ସେବାଶ୍ରମରେ ରଜପର୍ବ ପାଳିତ



ଜଳେଶ୍ୱର ବ୍ଲକ, ୧୫।୬ (ସମିସ): ଓଡ଼ିଶାର କୃଷି ଭିତ୍ତିକ ଗଣ ପର୍ବ ରଜ ଉପଲକ୍ଷେ ଗାନ୍ଧୀ ସେବା ଶ୍ରମ ଈଶ୍ୱର ଲାଲ ଶିଶୁ ଭବନ ପରିସରରେ ଆଶ୍ରମର କୁନି କୁନି ପିଲାମାନଙ୍କୁ ନେଇ ରଜ ଉତ୍ସବ ମହା ଆନନ୍ଦ-ଉଲ୍ଲାସର ସହ ପାଳିତ ହୋଇ ଯାଇଛି। ଏହି ଅବସରରେ ପିଲାମାନଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇ ପୁରସ୍କୃତ କରାଯାଇଥିଲା। ପାରମ୍ପାରିକ ରୀତିରେ ମାଟି, ନାରୀ ଓ ମେଘକୁ ସମ୍ମାନ ଜଣାଇ ମିଠା, ପିଠା, ପାନ ଓ ଦୋଳି ଖେଳ ମାଧ୍ୟମରେ ଆଶ୍ରମର ଅନ୍ତେବାସୀ ହର୍ଷ ଉଲ୍ଲାସରେ ରଜ ପର୍ବର ମଜା ନେବା ସହ ପର୍ବକୁ ମନ ଭରି ଉପଭୋଗ କରିଥିଲେ। କୁନି କୁନି ପିଲାମାନଙ୍କ ସହ ଏହି ଆନନ୍ଦ ଉତ୍ସବରେ ପରିଚାଳନା କମିଟିର ସଭାପତି ସିତାଂଶୁ ସେନାପତି, ସମ୍ପାଦକ ଅଶୋକ କୁମାର ଜେନା, ବରିଷ୍ଠ ସଦସ୍ୟ ବୃନ୍ଦ ତଥା ଅତିଥି ଶ୍ୟାମା ଚରଣ ଦାସ, ଦିଲ୍ଲୀପ କୁମାର ଗିରି, ଡ. ଲଳିତ ରଞ୍ଜନ ସେନାପତି, ଅଶ୍ୱିନି କୁମାର ନାଥ, କର୍ମଚାରୀ ମାନିକ୍ ସାହୁ, ଦେବକୃଷ୍ଣ ଦେ, ରତ୍ନାକର ଗିରି, ଜ୍ୟୋତିଷ ଚନ୍ଦ୍ର କର, ଅମିତା ଜେନା, ମମତା ଦାସ, ପୂଜା ରାଣୀ ଜେନା, ସବିତା କିସ୍କୁ, ପ୍ରମିଳା ସିଂ ପ୍ରମୁଖ ରଜ ଉତ୍ସବକୁ ପରିଚାଳନା କରିବା ସହ ଏଥିରେ ଅଂଶଗ୍ରହଣ କରିଥିଲେ।

ନବନିର୍ବାଚିତ ବିଧାୟକଙ୍କ ଆଦର୍ଶ ବିଦ୍ୟାଳୟ ସ୍ଥିତି ଅନୁଧ୍ୟାନ

# ନୂତନ ଗୃହ ନିର୍ମାଣରେ ବିଳମ୍ବ ଓ ନିମ୍ନମାନକୁ ନେଇ ଅସନ୍ତୋଷ

ଶ୍ରଦ୍ଧାପୁର, ୧୫।୬ (ସମିସ):



ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ କାନ୍ଥଭଉଁରୀ ଠାରେ ଆଦର୍ଶ ବିଦ୍ୟାଳୟ ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ କରିଛନ୍ତି ନବନିର୍ବାଚିତ ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ। ଗ୍ରାମାଞ୍ଚଳର ମେଧାବୀ ପିଲାମାନଙ୍କର ଶିକ୍ଷାର ଉନ୍ନତି ପାଇଁ ତତ୍କାଳୀନ ନବୀନ ସରକାର ପ୍ରତ୍ୟେକ ବ୍ଲକ ପାଇଁ ଗୋଟିଏ ଲେଖାଏଁ ଆଦର୍ଶ ବିଦ୍ୟାଳୟ ଖୋଲିବା ନିମନ୍ତେ କୋଟି କୋଟି ଟଙ୍କା ଖର୍ଚ୍ଚ କରିଥିଲେ। ମାତ୍ର ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ କାନ୍ଥଭଉଁରୀ ପଞ୍ଚାୟତରେ ଅଢେଇ ବର୍ଷ ଧରି ଚାଲିଥିବା ଆଦର୍ଶ ବିଦ୍ୟାଳୟର ସ୍ଥାୟୀ ଗୃହ ନିର୍ମାଣ କାର୍ଯ୍ୟ ଏପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ହୋଇପାରୁନାହିଁ। ଏହାକୁ ନେଇ ଅଭିଭାବକ, ବୁଦ୍ଧିଜୀବୀ ଓ ଶିକ୍ଷାବିତମାନଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ୨ ବର୍ଷ ହେଲା ସ୍ଥାନୀୟ ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀରେ ଛାତ୍ରଛାତ୍ରୀମାନେ ତଳେ ବସି ଦୟନୀୟ ଅବସ୍ଥାରେ ଦେଇ ପାଠ ପଢୁଛନ୍ତି। ଆଦର୍ଶ ବିଦ୍ୟାଳୟ ଗୃହ ନିର୍ମାଣ କାର୍ଯ୍ୟ ପାଇଁ ୭ କୋଟି ୮ ଲକ୍ଷ ୨୭ ହଜାର ଟଙ୍କା ବ୍ୟୟ ଅଟକଳ ରହିଛି। ୨୦୨୧ ମସିହା ନଭେମ୍ବର ୨୬ରେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହାର ଶିଳାନ୍ୟାସ କରିଥିଲେ। ପୂର୍ତ୍ତବିଭାଗକୁ ଏହାର ନିର୍ମାଣ କାର୍ଯ୍ୟର ଦାୟିତ୍ୱ ଦିଆଯାଇଥିଲା। ମାତ୍ର ଏ ପର୍ଯ୍ୟନ୍ତ ଆଦର୍ଶ ବିଦ୍ୟାଳୟ ବିଲଡିଂ ନିର୍ମାଣ କାର୍ଯ୍ୟ ଶେଷ ହୋଇପାରୁନାହିଁ। ସେହିପରି ବହୁ ପୂର୍ବରୁ ଶିଳାନ୍ୟାସ ହୋଇଥିବା ୭ କୋଟି ବ୍ୟୟ ଅଟକଳ ମୂଲ୍ୟର ବାଳିକା ଛାତ୍ରବାସର ଗୃହ ନିର୍ମାଣ କାର୍ଯ୍ୟ ମାତ୍ର ଆରମ୍ଭ ହୋଇଛି ଯାହା ମନ୍ଥର ଗତିରେ ହେଉଛି ଏବଂ ବ୍ୟବହାର ହେଉଥିବା ବାଲି ସମ୍ପୂର୍ଣ୍ଣ ନିମ୍ନମାନର। ବାରମ୍ବାର ଗ୍ରାମବାସୀ ଅଭିଯୋଗ କରିଥିଲେ ମଧ୍ୟ ବିଭାଗୀୟ ଅଧିକାରୀ ଓ ଠିକାଦାର ନିରବଦ୍ରଷ୍ଟା ସାଜିଛନ୍ତି। ଅପରପକ୍ଷରେ ବାତ୍ୟା ଆଶ୍ରୟସ୍ଥଳୀରେ ସ୍ଥାନ ଅଭାବରୁ ବିଦ୍ୟାଳୟ ପାଇଁ ଆବଶ୍ୟକୀୟ ଉପକରଣ ଓ ବେଞ୍ଚ, ଡେସ୍କ ଆସି ପାରୁନାହିଁ। ଛାତ୍ରଛାତ୍ରୀମାନେ ତଳେ ବସି ପାଠ ପଢ଼ିବାକୁ ବାଧ୍ୟ ହେଉଛନ୍ତି। ପ୍ରତି ବ୍ୟାଚ୍‌ରେ ୮୫ ଜଣ ପିଲାଙ୍କ ଲାଗି ୨ଟି ସେକ୍ସନ ହେବା ଫଳରେ ୬ଟି ଶ୍ରେଣୀ ଗୃହର ଆବଶ୍ୟକତା ପଡ଼ିବ ଯାହା ବାତ୍ୟାଆଶ୍ରୟସ୍ଥଳୀରେ ଜାଗା ନାହିଁ। ସବୁଠାରୁ ବଡ଼ ସମସ୍ୟା ସ୍ଥାୟୀ ଅଫିସ ଗୃହ ନ ଥିବାରୁ ବିଭିନ୍ନ ସମସ୍ୟା ମଧ୍ୟ ଉପୁଜୁଛି। ଖାଲି ସେତିକି ନୁହେଁ ଶହେ ଶଯ୍ୟା ବିଶିଷ୍ଟ ବାଳକ ଛାତ୍ରବାସ ପାଇଁ ୨.୫ କୋଟି ମଞ୍ଜୁର ହୋଇ ଗତ ୨୦୨୩ ମସିହା ଜୁନ ୨୪ରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ଶିଳାନ୍ୟାସ କରିଥିଲେ ଏହାର କାର୍ଯ୍ୟଭାର ମଧ୍ୟ ପୂର୍ତ୍ତବିଭାଗ ହାତରେ। ଦୀର୍ଘ ଦିନ ବିତି ଯାଇଥିଲେ ମଧ୍ୟ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇନାହିଁ। ତତ୍ପରତାର ସହ କାର୍ଯ୍ୟ କରିବାକୁ ବାରମ୍ବାର ଉକ୍ତ ସଂସ୍ଥାକୁ କୁହାଯାଉଥିଲେ ବି କାମ ଠିକ ଭାବରେ ହେଉନାହିଁ। ତେବେ ଆଦର୍ଶ ବିଦ୍ୟାଳୟ ଭୋଗରାଇ ବ୍ଲକ ଗୋଟିଏ ପାଖରେ ଥିବାରୁ ବହୁ ଦୂରଦୂରାନ୍ତରୁ ଛାତ୍ର ଛାତ୍ରୀ ଏଠାକୁ ପାଠ ପଢ଼ିବାକୁ ଆସନ୍ତି ମାତ୍ର ପ୍ରତ୍ୟେକ ଦିନ ଯିବା ଆସିବାରେ ଖର୍ଚ୍ଚାନ୍ତ ପୁଣି ହଇରାଣ ହରକତ ହେବାକୁ ପଡୁଛି। ଅନ୍ୟପକ୍ଷରେ ଛାତ୍ରବାସ ନ ଥିବାରୁ ପିଲାମାନେ ରହିବାର ସମସ୍ୟା ଦେଖାଦେଇଥିଲା। ଏହି ବିଦ୍ୟାଳୟ ଓ ଛାତ୍ରାବାସ ନିର୍ମାଣ କାର୍ଯ୍ୟରେ ସ୍ଥାନୀୟ ଗ୍ରାମବାସୀଙ୍କ ବହୁ ଅଭିଯୋଗ ଆସିଥିବା ବେଳେ ନବ ନିର୍ବାଚିତ ବିଧାୟକ ଗୌତମବୁଦ୍ଧ ଏଠାକୁ ପରିଦର୍ଶନ ରେ ଆସି ସମସ୍ତ କାର୍ଯ୍ୟର ସ୍ଥିତି ଅନୁଧ୍ୟାନ କରି ନିର୍ମାଣ କାର୍ଯ୍ୟର ମାନ ଉପରେ ଅଧିକ ଗୁରୁତ୍ୱ ଦେବାକୁ ନେଇ ବିଭାଗୀୟ ଅଧିକାରୀଙ୍କ ସହିତ କଥା ହୋଇଥିଲେ। ଏକ ମାସ ମଧ୍ୟରେ ବିଦ୍ୟାଳୟର ନିର୍ମିତ ନୂତନ ଗୃହରେ ପାଠପଢ଼ା ଆରମ୍ଭ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ବିଧାୟକଙ୍କ ଶ୍ରୀ ଦାସଙ୍କ ଗସ୍ତ ସମୟରେ ବ୍ଲକ ଅଧ୍ୟକ୍ଷ ପ୍ରବୀର ଗିରି, କାନ୍ଥଭଉଁରୀ ସରପଞ୍ଚଙ୍କ ପ୍ରତିନିଧି ଶ୍ରୀହରି ଜେନା, ଶ୍ରଦ୍ଧାପୁର ସରପଞ୍ଚ ପ୍ରତିନିଧି ଚନ୍ଦନ ପାତ୍ର, ସମିତି ସଦସ୍ୟ ପ୍ରଦୀପ କୁମାର ଦାସ, ସମାଜସେବୀ ସୁଶାନ୍ତ ନାୟକ, ଭବେନ୍ଦ୍ର ସାହୁ, ଅଜିତ ପାତ୍ର, ଗୁଣାକର ମାଝୀ, ମମତା ଭୋଳ, ରବୀନ୍ଦ୍ର ପାତ୍ର, ହରିପଦ ମହାନ୍ତି ପ୍ରମୁଖ ଓ ଅନ୍ୟ ମାନେ ଉପସ୍ଥିତ ଥିଲେ।

# ମା’ ମଙ୍ଗଳା ରଜ ଉତ୍ସବ କମିଟି ପକ୍ଷରୁ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ



ଜଳେଶ୍ୱର ବ୍ଲକ, ୧୫।୬ (ସମିସ): ରଜ ପର୍ବକୁ ଆଧାର କରି ଜଳେଶ୍ୱର ମ୍ୟୁନିସିପାଲଟି ଅଧୀନସ୍ଥ ୧୬ ନମ୍ବର ୱାର୍ଡ ଅଲାଳପୁର ଗ୍ରାମରେ ମା’ ମଙ୍ଗଳା ରଜ ଉତ୍ସବ କମିଟି ପକ୍ଷରୁ କମିଟିର ସଭାପତି ଉତ୍ତମ କୁମାର କର, ସମ୍ପାଦକ ରାଜେଶ କୁମାର ଦେଙ୍କ ପ୍ରଚେଷ୍ଟାରେ ଗ୍ରାମର ଆରାଧ୍ୟ ଦେବୀ ମା’ମଙ୍ଗଳା ମନ୍ଦିର ସମ୍ମୁଖରେ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅବସରପ୍ରାପ୍ତ ସରକାରୀ କର୍ମଚାରୀ ଦୁର୍ଗା ଦାସ ଭଞ୍ଜ ଓ ସାମ୍ବାଦିକ ମନୋଜ କୁମାର ଭୂୟାଁ ଅତିଥି ଭାବେ ଯୋଗ ଦେଇ ରଜ ଉତ୍ସବର ଆଭିମୁଖ୍ୟ ପ୍ରକାଶ କରିଥିଲେ। କମିଟିର ସଦସ୍ୟ ବରଦା ପ୍ରସନ୍ନ ଘଡେଇ, ସଞ୍ଜୀବ ବାରିକ, ଶଶୀ ଭୂଷଣ ପାତ୍ର, ମିନତୀ ଦାସ, କାହ୍ନୁ ମଣ୍ଡଳ, ଗିରିଜା ଶଙ୍କର କର, ପଦ୍ମଲୋଚନ ମଣ୍ଡଳ, ଧ୍ରୁବ ଚରଣ କୁଣ୍ଡ, ଶମ୍ଭୁନାଥ ରଣା ପ୍ରମୁଖ ସଦସ୍ୟ ମାନେ ପରିଚାଳନା କରିଥିଲେ। ପ୍ରମିତ ରଞ୍ଜନ ଘଡେଇ ମଞ୍ଚ ପରିଚାଳନା କରିଥିଲେ। ନୃତ୍ୟ ପ୍ରତିଯୋଗିତାର ସିନିୟର ବିଭାଗର ପ୍ରିୟଙ୍କା ପ୍ରିୟଦର୍ଶିନୀ ଘଡେଇ ପ୍ରଥମ, ଆଲିସା ସାମଲ ଦ୍ୱିତୀୟ ଓ ସାଇକୃଷ୍ଣ ଦେ ତୃତୀୟ ସ୍ଥାନରେ ଉତ୍ତୀର୍ଣ୍ଣ ହୋଇଥିବାବେଳେ ଜୁନିୟର ବିଭାଗର ପଙ୍କଜାକ୍ଷି ସାହୁ ପ୍ରଥମ, ତାନିସା ସାମଲ ଦ୍ୱିତୀୟ ଓ ପ୍ରିୟଦର୍ଶିନୀ ପରିଡ଼ା ତୃତୀୟ ସ୍ଥାନ ଅଧିକାର କରିଥିଲେ। ସମସ୍ତଙ୍କୁ ଅତିଥିମାନଙ୍କ ଦ୍ୱାରା ଟ୍ରଫି ସହ ପ୍ରମାଣ ପତ୍ର ପ୍ରଦାନ କରା ଯାଇଥିଲା।

# ସଡ଼କ ଦୁର୍ଘଟଣାରେ ଫାଇନାନ୍ସ କର୍ମଚାରୀ ଗୁରୁତର

ରାଜଘାଟ, ୧୫।୬ (ସମିସ) : ବସ୍ତା ଥାନା ୧୬ ନମ୍ବର ଜାତୀୟ ରାଜପଥର ଭେଲୋରା ବାଇପାସ ଛକର ତାରିଣୀ ମନ୍ଦିର ନିକଟରେ ଶୁକ୍ରବାର ବିଳମ୍ବିତ ରାତିରେ ସଡ଼କ ଦୁର୍ଘଟଣାରେ ଜଣେ ଫାଇନାନ୍ସ କର୍ମଚାରୀ ଗୁରୁତର ହୋଇଛନ୍ତି। ସୂଚନା ଅନୁସାରେ ଜଳେଶ୍ୱର ବ୍ଲକ ଖାନା ଗ୍ରାମର ବନ୍ଧନ ବ୍ୟାଙ୍କ ଫାଇନାନ୍ସ କର୍ମଚାରୀ କୃଷ୍ଣକାନ୍ତ ଦେ ଗତକାଲି ବିଳମ୍ବିତ ରାତିରେ ନିଜ ବାଇକରେ ଅମର୍ଦ୍ଦା ରୋଡ ପଟୁ ଜଳେଶ୍ୱର ଅଭିମୁଖେ ଯାଉଥିବା ସମୟରେ ଭେଲୋରା ବାଇପାସ ଛକର ତାରିଣୀ ମନ୍ଦିର ନିକଟରେ ଭାରସାମ୍ୟ ହରାଇ ଡାଇଭର୍ସନ ନିକଟରେ ବାଡ଼େଇ ହୋଇ ରକ୍ତ ଜୁଡୁବୁଡୁ ଅବସ୍ଥାରେ ରାସ୍ତା ପାର୍ଶ୍ୱରେ ପଡ଼ି ରହିଥିଲେ। ଖବର ପାଇ ଜାତୀୟ ରାଜପଥ ପହରା ପୁଲିସ ପହଞ୍ଚି କୃଷ୍ଣକାନ୍ତଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ସହାୟତାରେ ବସ୍ତା ହସ୍ପିଟାଲକୁ ପଠାଇ ଥିଲେ। ଖବରପାଇ ବସ୍ତା ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଘଟଣାର ତଦନ୍ତ ଜାରି ରଖିଛି।

# ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ



ନୀଳଗିରି, ୧୫।୬ (ସମିସ): ନୀଳଗିରି ବ୍ଲକ ଅନ୍ତର୍ଗତ ତେଲିପାଳ ପଞ୍ଚାୟତରେ ସାନ୍ତାଳ ବ୍ରଦର୍ସ ସ୍ପୋର୍ଟିଂ କ୍ଲବ୍ ଆନୁକୂଲ୍ୟରେ ୧୨ଦିନ ଧରି ଚାଲିଥିବା ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଗତ ଜୁନ ୩ ତାରିଖରେ ଆରମ୍ଭ ହୋଇଥିବା ଏହି ଟୁର୍ଣ୍ଣାମେଣ୍ଟରେ ୮ ଟି ଦଳ ଭାଗନେଇ ଉଚ୍ଚକୋଟୀର ଖେଳ ପ୍ରଦର୍ଶନ କରିଥିଲେ। ଏହି ଖେଳକୁ କ୍ଲବ୍ ସଭାପତି ଅକ୍ଷୟ ହେମ୍ବ୍ରମ୍, ସମ୍ପାଦକ ସୂର୍ଯ୍ୟାନନ୍ଦ ମାଝୀ ଓ ଅନ୍ୟ ସଦସ୍ୟଙ୍କ ସହଯୋଗରେ ଆୟୋଜିତ ହୋଇଥିଲା। ଫାଇନାଲ ମ୍ୟାଚ୍ ନଟାପଡ଼ା ଏଫ୍‌ସିଓ, ବଡ଼କାଳିଆ ଏଫ୍‌ସି ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଉଦ୍‌ଯାପନୀ ଦିବସରେ ମୁଖ୍ୟ ଅତିଥି ଭାବେ ନୀଳଗିରି ବ୍ଲକ ଅଧ୍ୟକ୍ଷା ଶୁଭଲକ୍ଷ୍ମୀ ମାଝୀ ଓ ସମ୍ମାନିତ ଅତିଥି ଭାବେ ବାଲେଶ୍ୱର ଜିଲ୍ଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷ ମଦନ ମୋହନ ମାଝୀ ଉପସ୍ଥିତ ରହି ଉଭୟ ଟିମ୍‌ର ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ତେଲିପାଳ ସରପଞ୍ଚ ବାହାମଣି ମାର୍ଣ୍ଡି, ପୂର୍ବତନ ସରପଞ୍ଚ ସେରାଲ୍ ବାସ୍କେ, ସମାଜସେବୀ ଭୀମ ମୁର୍ମୁ, ୯ ନଂ ୱାର୍ଡ ସଭ୍ୟ ବ୍ରଜକିଶୋର ମାଝୀ, ରଘୁନାଥ ମାଝୀ ପ୍ରମୁଖ ଉପସ୍ଥିତ ଥିଲେ। ଟୁର୍ଣ୍ଣାମେଣ୍ଟରେ ବଡ଼କାଳିଆ ଟିମ୍ ଚାମ୍ପିଅନ ହୋଇଥିବା ବେଳେ ନଟାପଡ଼ା ଦଳ ରନର୍ସଅପ୍ ହୋଇଥିଲା। ଅତିଥିମାନଙ୍କ ଦ୍ୱାରା ଉଭୟ ଦଳକୁ ପୁରସ୍କୃତ କରାଯାଇଥିଲା।

# ଆର୍ଟ ଅଫ୍ ଗିଭିଂ ଦିବସ ପ୍ରସ୍ତୁତି ବୈଠକ



ଜଳେଶ୍ୱର ବ୍ଲକ, ୧୫।୬ (ସମିସ): ଆସନ୍ତା ୧୭ ତାରିଖରେ ଆର୍ଟ ଅଫ ଗିଭିଂ ଦିବସ ପାଳନ ପାଇଁ ଶନିବାର ପୂର୍ବାହ୍ନରେ ଜଳେଶ୍ୱରସ୍ଥିତ ପୁରୁଣା କୋର୍ଟ ଓକିଲ ସଂଘ ସମ୍ମିଳନୀ କକ୍ଷରେ ଆର୍ଟ ଅଫ ଗିଭିଂ ଜଳେଶ୍ୱର ଶାଖା ତରଫରୁ ବୈଠକ ଅନୁଷ୍ଠିତ ହୋଇ ଯାଇଛି। ଏହି ବୈଠକରେ ଅନୁଷ୍ଠାନର ବାଲେଶ୍ୱର ଜିଲ୍ଲା ସଂଯୋଜକ ତଥା ବରିଷ୍ଠ ଆଇନଜୀବି ଅନିଲ କୁମାର ପରିଡ଼ା ଅଧ୍ୟକ୍ଷତା କରିଥିଲେ। ଆର୍ଟ ଅଫ ଗିଭିଂ ଦିବସ ଦିବସବ୍ୟାପୀ ପାଳନ ହେବ ଓ ପୂର୍ବାହ୍ନ ସାଢ଼େ ୭ ଟାରେ ବାସନ୍ତୀ ପଡ଼ିଆ ଶନି ମନ୍ଦିର ନିକଟରେ ଏକ ସମାବେଶ, ଶାନ୍ତିଆଠାରେ ମହିଳା ସମାବେଶ ଓ ସନ୍ଧ୍ୟାରେ ପୁରୁଣା କୋର୍ଟ ପରିସରରେ ବିରାଟ ସମାରୋହ ଆୟୋଜନ ପାଇଁ ପ୍ରସ୍ତୁତି ସମ୍ପର୍କରେ ଶ୍ରୀ ପରିଡ଼ା ସୂଚନା ଦେଇଥିଲେ। ସେହିପରି ଜଳେଶ୍ୱର ବ୍ଲକ କମିଟିର ଅବଧି ପୁରି ଯାଇ ଥିବାରୁ ନୂତନ କମିଟି ଗଠନ ସମ୍ପର୍କରେ ମଧ୍ୟ ଆଲୋଚନା ହୋଇଥିଲା। ଚଳିତ ବର୍ଷ ବିଭିନ୍ନ ଶିକ୍ଷାନୁଷ୍ଠାନରେ ୧୦ ହଜାର ଗଛ ଲଗାଇବାକୁ ନିଷ୍ପତ୍ତି ଗ୍ରହଣ କରା ଯାଇଥିଲା। ପ୍ରାରମ୍ଭରେ ଯୁବ ଆଇନଜୀବି ଗିରିଜା ଶଙ୍କର ଦାସ ଆର୍ଟ ଅଫ ଗିଭିଂ ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତଙ୍କ ବିଭିନ୍ନ ଜନହିତକର କାର୍ଯ୍ୟକ୍ରମ ସମ୍ପର୍କରେ ବିବରଣୀ ପ୍ରଦାନ କରିଥିଲେ। ଜଳେଶ୍ୱର ଓକିଲ ସଂଘର ପ୍ରାକ୍ତନ ସଭାପତି ସତ୍ୟସୁନ୍ଦର ଦାସ, ଯୁବ ନେତା ସିଦ୍ଧାର୍ଥ ଶଙ୍କର ପାଳ, ଆଇନଜୀବୀ ଫରିଦ ମହମ୍ମଦ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହାପରେ ନୂତନ କମିଟି ଗଠନ ହୋଇଥିଲା। ନୂତନ କମିଟିରେ ସଭାପତି ଭାବେ ସିଦ୍ଧାର୍ଥ ଶଙ୍କର ପାଳ, ଉପ ସଭାପତି ଭାବେ ଫାଲଗୁନୀ ପାଣିଗ୍ରାହୀ, ସମ୍ପାଦକ ଭାବେ ଗିରିଜା ଶଙ୍କର ଦାସ, ଯୁଗ୍ମ ସମ୍ପାଦକ ଭାବେ ସୁରଜ୍ ଚୌରାସିଆ, ସହ ସମ୍ପାଦକ ଭାବେ ବନଜା ଦାସ, କୋଷାଧ୍ୟକ୍ଷ ଭାବେ ସୁଶାନ୍ତ ଦାସଙ୍କୁ ସର୍ବ ସମ୍ମତି କ୍ରମେ ମନୋନୀତ କରାଯାଇଛି। ଅନ୍ୟପକ୍ଷରେ ଏକ ଉପଦେଷ୍ଟା ମଣ୍ଡଳୀ ଏବଂ କାର୍ଯ୍ୟକାରୀ କମିଟିର ସଭ୍ୟ ନବ ନିର୍ବାଚିତ ସଭ୍ୟ ମାନଙ୍କ ନାମ ମଧ୍ୟ ଘୋଷଣା କରା ଯାଇଥିଲା।

# ନବନିର୍ବାଚିତ ବିଧାୟକଙ୍କୁ ସମ୍ବର୍ଦ୍ଧନା

ବାଲେଶ୍ୱର, ୧୫।୬ (ସମିସ): ରେମୁଣା ବ୍ଲକ ଏକ୍ସକ୍ୟାଡର ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ରେମୁଣା ନିର୍ବାଚନ ମଣ୍ଡଳୀର ନବନିର୍ବାଚିତ ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସଙ୍କୁ ଫୁଲତୋଡ଼ା ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଛି। ଏହି ଅବସରରେ ବିଧାୟକ ଦାସ ତାଙ୍କ ବକ୍ତବ୍ୟରେ କହିଥିଲେ, ଶିକ୍ଷକମାନେ ଏ ଦେଶ ଜାତିର ମେରୁଦଣ୍ଡ। ସେମାନେ ଜଣେ ଜଣେ ମଣିଷ ତିଆରି କାରଖାନାର ମାଲିକ। ଶିକ୍ଷକମାନଙ୍କ ଯାହା ସମସ୍ୟା ରହିଛି, ଆମ ସରକାର ନିଶ୍ଚୟ ସମାଧାନ କରିବ। ଉକ୍ତ ସମ୍ବର୍ଦ୍ଧନା ସଭାରେ ବ୍ଲକ ସଭାପତି ସୁଦୀପ୍ତ ସାହୁ, ସମ୍ପାଦକ ଦୁର୍ଯୋଧନ ଲେଙ୍କା, ରାଜ୍ୟ ଏକ୍ସକେଡର ପ୍ରାଥମିକ ଶିକ୍ଷକ ମହାସଂଘର ମୁଖ୍ୟ ସାଙ୍ଗଠନିକ ସମ୍ପାଦକ ତଥା ବାଲେଶ୍ୱର ଜିଲ୍ଲା ଶାଖା ସମ୍ପାଦକ ଗଙ୍ଗା ନାରାୟଣ ପାଢ଼ୀ, ବ୍ଲକ ସଙ୍ଘର ଉପସଭାନେତ୍ରୀ ଚନ୍ଦ୍ରକାନ୍ତି ବିଶ୍ୱାଳ, ନମିତା ରାଉତ, ତପସ୍ୱିନୀ ପତି ଓ ମାହେଶ୍ୱରୀ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।



# ପାଞ୍ଚ ଦିନ ବ୍ୟାପୀ ଶୀତଳା ମାତାଙ୍କର ପୂଜାର୍ଚ୍ଚନା

ଚୌକି, ୧୫।୬ (ସମିସ) :



ଭୋଗରାଇ ବ୍ଲକ ଅନ୍ତର୍ଗତ ମନ୍ଦାରସାହି ପଞ୍ଚାୟତର ଥିବା ମା’ ଶୀତଳା ମାତାଙ୍କର ପୂଜା ଅର୍ଚ୍ଚନା ପାଞ୍ଚ ଦିନ ବ୍ୟାପି ଅନୁଷ୍ଠିତ ହୋଇଯାଇଛି। ଏଥିରେ ମନ୍ଦାରସାହି ଗ୍ରାମର ସାତଶହରୁ ଅଧିକ ପରିବାରର ଲୋକମାନଙ୍କ ଅର୍ଥଦାନରେ ଏହି ପୂଜା ଅର୍ଚ୍ଚନା କରାଯାଇଥାଏ। ଗତ ମଙ୍ଗଳବାର ପୂର୍ଣ୍ଣଚନ୍ଦ୍ର ଗିରି ବାସଭବନରୁ ମା’ଙ୍କ ପ୍ରତିମୂର୍ତ୍ତି ଆଣି ସମଗ୍ର ଗ୍ରାମ ପରିକ୍ରମା କରି ମନ୍ଦାରସାହି ମା’ ଶୀତଳା ମନ୍ଦିରରେ ସ୍ଥାପନ କରାଯାଇଥିଲା। ସେହି ଦିନଠାରୁ ଶନିବାର ପର୍ଯ୍ୟନ୍ତ ଏହି ପୂଜା ଚାଲିଥିଲା। ଶୀତଳା, ଗଣେଶ, ଜଡାପାତ୍ର ନାମରେ ଦେବାଦେବୀ ମାନେ ତିନି ମୂର୍ତ୍ତି ପୂଜା ପାଇଥିଲେ। ଏହି ପୂଜାରେ କରୁଣାକର ମହାନ୍ତି ପାଞ୍ଚ ଦିନ ବ୍ରତଧାରୀ ଭାବେ କାର୍ଯ୍ୟରତ ରହିଥିଲା ବେଳେ ଗଜେନ୍ଦ୍ର ଦାସ, ଶ୍ରୀନିବାସ ଗିରି, ହରିପଦ ଗିରି ଆଦି ବହୁ ସଂଖ୍ୟକ ଲୋକ ମା’ ଶୀତଳାଙ୍କ ପୂଜାରେ ସହଯୋଗ କରିଥିଲେ। ମନ୍ଦାରସାହି, କାଳାହି, ସୁଖଷଣ୍ଡା, ଗଣେଶ୍ୱରପୁର, ମନ୍ଦାରସାହିପାଟଣା, ହରିପୁର, ଝାଡସିମୁଳିଆ, ସୋହରିଆ ଆଦି ବହୁ ଗ୍ରାମରୁ ହଜାରରୁ ଅଧିକ ଶ୍ରଦ୍ଧାଳୁ ମାନେ ପୂଜା ନୈବେଦ୍ୟ ସହ ପୂଜାର୍ଚ୍ଚନା କରିଥିଲେ। ପାଞ୍ଚ ଦିନ ବ୍ୟାପି ମା’ଙ୍କ ମଙ୍ଗଳ, ଗୀତ ଓ ପାଲା ପରିବେଷଣ କରାଯାଇଥିଲା। ମା’ଙ୍କ ମନ୍ଦିର ପାର୍ଶ୍ୱରେ ଥିବା ମୁସଲିମ ସମ୍ପ୍ରଦାୟର ଲୋକମାନେ ମଧ୍ୟ ଏହି ପୂଜା ଉତ୍ସବ ପାଇଁ ଅର୍ଥ ଦାନ କରିବା ସହିତ ମା’ଙ୍କ ନୀତିକାନ୍ତି ମଧ୍ୟ ମାନିଥାନ୍ତି। ଏହି ପୂଜା ଅର୍ଚ୍ଚନାରେ ହିନ୍ଦୁ ଓ ମୁସଲମାନ ସମ୍ପ୍ରଦାୟର ଭାଇ ଚାରା ସୃଷ୍ଟି କରିଥାଏ।

ମଙ୍ଗଳବାର ଖୋଲିବ ସ୍କୁଲ

# ଗରମ ଗୁଳୁଗୁଳି ନେଇ ଚିନ୍ତାରେ ଅଭିଭାବକ

ବସ୍ତା ବ୍ଲକ, ୧୫।୬ (ସମିସ): ୨୦୨୪-୨୫ ଶିକ୍ଷା ବର୍ଷ ପାଇଁ ଆସନ୍ତା ମଙ୍ଗଳବାର ଖୋଲିବାକୁ ଯାଉଛି ରାଜ୍ୟର ସମସ୍ତ ସ୍କୁଲ। ଏ ନେଇ ସରକାରଙ୍କ ପକ୍ଷରୁ ନିର୍ଦ୍ଦେଶନାମା ଜାରି ହୋଇଛି। ଏପଟେ ସ୍କୁଲ ଖୋଲିବା ପାଇଁ ସରକାରୀ ନିର୍ଦ୍ଦେଶନାମା ପରେ ପ୍ରବଳ ଗରମ ସାଙ୍ଗକୁ ଅସହ୍ୟ ଗୁଳୁଗୁଳିକୁ ନେଇ ଅଭିଭାବକ ମହଲରେ ଚିନ୍ତାର କାରଣ ପାଲଟିଛି। ବାଲେଶ୍ୱର ଜିଲ୍ଲାରେ ପ୍ରବଳ ଗରମ ଅନୁଭୂତ ହେଉଥିବା ବେଳେ ବସ୍ତାରେ ମଧ୍ୟ ଅସହ୍ୟ ଗରମ ହେଉଛି। ବର୍ଷା ଉଭାନ ସାଙ୍ଗକୁ ଗୁଳୁଗୁଳିରେ ଲୋକେ ଛଟପଟ ହେଉଥିବା ବେଳେ ସ୍କୁଲ ଖୋଲିବାକୁ ଯାଉଅଛି। ସକାଳ ୭ଠାରୁ ଗରମ ହେଉଥିବା ବେଳେ ରାତିତମାମ ଗରମର ପ୍ରକୋପ କମୁନାହିଁ। ଏଭଳି ସ୍ଥଳେ ସ୍କୁଲକୁ ଆସୁଥିବା କୁନି କୁନି ପିଲା ମାନେ ଗରମକୁ ସହିପାରିବେ ତ ତାହାକୁ ନେଇ ଅଭିଭାବକ ମହଲରେ ବଡ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଅନ୍ୟପକ୍ଷେ ଅନେକ ସ୍କୁଲମାନଙ୍କରେ କ୍ଲାସ ରୁମ ରେ ଫ୍ୟାନ ନ ଥିବା ବେଳେ ଅନେକ ଶ୍ରେଣୀରେ ଫ୍ୟାନ ଅଚଳ ଥିବା କୁହାଯାଉଛି। ଏଭଳି ସ୍ଥଳେ ପିଲାମାନେ କିପରି ପାଠ ପଢ଼ିବେ ତାହାକୁ ନେଇ ଅଭିଭାବକ ମହଲରେ ଅସନ୍ତୋଷ ଦେଖାଦେଇଛି। ପାଗ ପରିବର୍ତ୍ତନ ନ ହେଲେ ପିଲାଙ୍କୁ ସ୍କୁଲ ପଠାଇବାକୁ ଅଭିଭାବକ ନାରାଜ ଥିବା ଶୁଣିବାକୁ ମିଳିଛି। ଗ୍ରୀଷ୍ମ ପ୍ରବାହ ନ କମିବା ଯାଏଁ ସକାଳୁଆ ସ୍କୁଲ କରିବାକୁ ବିଭିନ୍ନ ମହଲରେ ଦାବି ହେଉଛି।

## ରାଇକୁଳା ରଜ ମହୋତ୍ସବ ଉଦ୍‌ଘାଟିତ

# 'ସଂସ୍କୃତି ଓ ସମ୍ପର୍କ ସୁଦୃଢ଼ କରେ ମହୋତ୍ସବ'



ଖଇରା, ୧୫।୬ (ସମିସ): ବାଲେଶ୍ୱର ଜିଲ୍ଲା ଖଇରା ବ୍ଲକ କୁରୁଣ୍ଟା ପଞ୍ଚାୟତ ଅଧୀନ ରାଇକୁଳାଠାରେ ୧୧ତମ ରଜ ମହୋତ୍ସବ ହଜାର ହଜାର ଦର୍ଶକଙ୍କ ଗହଣରେ ଉଦ୍‌ଘାଟିତ ହୋଇଯାଇଛି। ମହୋତ୍ସବ କମିଟିର ସଭାପତି ଲକ୍ଷ୍ମଣ ନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦ୍‌ଘାଟନୀ ସଭାରେ ସମାଜସେବୀ ଶଶି କୁମାର ସାହୁ ମୁଖ୍ୟଅତିଥି ଭାବେ ଯୋଗ ଦେଇ ମହୋତ୍ସବ ନିଜ ଅଞ୍ଚଳର ସଂସ୍କୃତି ଓ ସମ୍ପର୍କକୁ ସୁଦୃଢ଼ କରେ ବୋଲି କହିବା ସହ ସେ ମହୋତ୍ସବ ମଣିଷ ଭାବେ ୨୦୧୨ ମସିହାରୁ ଖଇରା ସିମୁଳିଆ ର ପ୍ରତ୍ୟେକ ଉତ୍ସବରେ ଯୋଗଦାନ କରି ଆସିଛନ୍ତି। ତାଙ୍କ ପାଇଁ ହାରଜିତ କୌଣସି ଫରକ ପଡ଼ିବନି। ଆଗକୁ ମଧ୍ୟ ସେ ତାଙ୍କର ସହଯୋଗ ଜାରି ରହିବ ବୋଲି ଉଲ୍ଲେଖ କରିଥିଲେ। ଜିଲା ପରିଷଦ ମାନସ କୁମାର ଦାଶ, ଯୁବ ନେତା ଗଦାଧର ଜେନା, ସାମ୍ବାଦିକ ତପୋଧନ ବାରିକ, ମହୋତ୍ସବ କମିଟିର ସମ୍ପାଦକ ମୃତ୍ୟୁଞ୍ଜୟ ଶଙ୍ଖୁଆ, ଉପସଭାପତି ଘନଶ୍ୟାମ ମାଝୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ବିଶିଷ୍ଟ ଚଳଚିତ୍ର ଅଭିନେତ୍ରୀ ଅର୍ଚ୍ଚିତା ଦର୍ଶକଙ୍କ ମନୋରଞ୍ଜନ କରିଥିବା ବେଳେ ସୁନାମଧନ୍ୟ କଣ୍ଠଶିଳ୍ପୀଙ୍କ ଦ୍ୱାରା ମନମୁଗ୍ଧକର ସଙ୍ଗୀତ ପରିବେଷଣ କରାଯାଇଥିଲା। ରାଇକୁଳା-କୁରୁଣ୍ଟା ଗ୍ରାମବାସୀ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ।

# ସୁନ୍ଦରପୁର ରଜ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା



ଖଇରା, ୧୫।୬ (ସମିସ): ବାଲେଶ୍ୱର ଜିଲ୍ଲା ଖଇରା ବ୍ଲକ ଅଧୀନ ସୁନ୍ଦରପୁର ସ୍କୁଲ ପଡ଼ିଆରେ ଚାଲିଥିବା ବ୍ଲକସ୍ତରୀୟ ରଜ ମହୋତ୍ସବର ଶୁକ୍ରବାର ଦ୍ୱିତୀୟ ସଂଧ୍ୟା ସଭା ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟରେ ଅନୁଷ୍ଠିତ ହୋଇ ଯାଇଛି। ଡା. ହରେକୃଷ୍ଣ ରାଉତଙ୍କ ସଭାପତିତ୍ୱରେଆୟୋଜିତଉତ୍ସବରେବରିଷ୍ଠ ଶିଶୁରୋଗ ବିଶେଷଜ୍ଞ ଡା ବ୍ରଜସୁନ୍ଦର ସ୍ୱାଇଁ ମୁଖ୍ୟଅତିଥି, ପ୍ରଫେସର ଚନ୍ଦ୍ରଶେଖର ଦାସ ମୁଖ୍ୟବକ୍ତା, ଇଂରାଜୀ ପ୍ରଧାପକ ବନମାଳୀ ବାରିକ, ଅବସରପ୍ରାପ୍ତ ପ୍ରଧାନପଣ୍ଡିତ ବୁଦ୍ଧିରାମ ପାଣିଗ୍ରାହୀ, ଉପଦେଷ୍ଟା ଉପେନ୍ଦ୍ର ପ୍ରସାଦ ଦାସ, ପୀତାମ୍ବର ନାୟକ ସମ୍ମାନିତ ବକ୍ତା ଭାବେ ଯୋଗ ଦେଇଥିଲେ। କମିଟି କୋଷାଧ୍ୟକ୍ଷ ସିଦ୍ଧାର୍ଥ ଶଙ୍କର ମହାପାତ୍ର, ମିଡିଆ ସଂଯୋଜକ ପ୍ରଭାତ କୁମାର ନାୟକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। କୁଞ୍ଜଲତା ମାହୁନ୍ତ ଧନ୍ୟବାଦ ଅର୍ପଣ କରିଥିଲେ। ଓଲିଉଡର ସୁନାମଧନ୍ୟ କଣ୍ଠଶିଳ୍ପୀ ଅର୍ପିତା ଚୌଧୁରୀଙ୍କ କଣ୍ଠର ଯାଦୁ ଦର୍ଶକଙ୍କୁ ବିମୋହିତ କରିଥିଲା।

# ଶ୍ରଦ୍ଧା କ୍ରିଏଟିଭ ଆର୍ଟସ ପକ୍ଷରୁ ରଜପର୍ବ ପାଳିତ



ବାଲେଶ୍ୱର (ଉତ୍ତର)/ କମର୍ଦ୍ଧା, ୧୫।୬ (ସମିସ): ଭୋଗରାଇ ବ୍ଲକ କମର୍ଦ୍ଧା ଛକସ୍ଥିତ ଅନ୍ୟତମ ସାଂସ୍କୃତିକ ଅନୁଷ୍ଠାନ ଶ୍ରଦ୍ଧା କ୍ରିଏଟିଭ ଆର୍ଟସ ପକ୍ଷରୁ ରଜପର୍ବ ପାଳିତ ହୋଇଯାଇଛି। ଏହି ଗଣ ପର୍ବରେ ଅନୁଷ୍ଠାନର ବହୁ କୁଆଁରୀ ଝିଅ ତଥା ମହିଳାମାନେ ସାମିଲ ହୋଇଥିଲେ। ଓଡ଼ିଶାର ସଂସ୍କୃତି, ପରମ୍ପରାକୁ ମନେପକାଇ ପ୍ରତିବର୍ଷ ଭଳି ଚଳିତ ବର୍ଷ ରଜ ଉତ୍ସବ ଉପଲକ୍ଷେ ଏଠାରେ ଆମ୍ବତୋଟା ମୂଳେ ରଜପାନ ରଜପିଠା, ରଜ ଦୋଳି ସହ ନୂତନ ପୋଷାକ ପରିଧାନ କରି ନୃତ୍ୟ ଗୀତର ତାଳେ ତାଳେ ମଜ୍ଜି ରହିବା ସହ ବିଭିନ୍ନ ପ୍ରକାର ସୁସ୍ୱାଦୁ ବ୍ୟଞ୍ଜନ ପ୍ରସ୍ତୁତ କରି ଆନନ୍ଦ ଉଲ୍ଲାସରେ ମଜଗୁଲ ହୋଇଥିଲେ। ଆୟୋଜକ ଅନୁଷ୍ଠାନର ମୁଖ୍ୟ ଡ଼ା. ଲଲାଟେନ୍ଦୁ ଦାସ, ସୌଭାଗ୍ୟ ପାଣିଗ୍ରାହୀ, ରଶ୍ମିତା ଦାସ, ନେହା ଦିଗାର ସହ ବହୁ ମହିଳା ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ମା' ଭୂଦାର ଚଣ୍ଡୀଙ୍କ ପୀଠରେ ଉଡ଼ାପର୍ବ



ନୀଳଗିରି, ୧୫।୬(ସମିସ): ଊନବିଂଶ ଶତାବ୍ଦୀରେ ଅବସ୍ଥାପିତ ମା' ଭୂଦାରଚଣ୍ଡୀଙ୍କ ମହିମା ଅକଳ୍ପନୀୟ। ବିଶ୍ୱାସର ପ୍ରତ୍ୟେକ୍ଷ ଦେବୀ ମା' ଭୂଦାରଚଣ୍ଡୀଙ୍କ ପୀଠରେ ବର୍ଷକୁ ନାନାବିଧି ପୂଜାପାର୍ବଣ ପାଳିତ ହେଉଥିବା ବେଳେ ଜ୍ୟେଷ୍ଠ ଆଷାଢ଼ର ସନ୍ଧିକ୍ଷଣରେ ରଜ ଉପଲକ୍ଷେ ସଂକ୍ରାନ୍ତି ତିଥିରେ ପାଳିତ ହୋଇଥାଏ ମା'ଙ୍କ ପ୍ରସିଦ୍ଧି ଉଡ଼ା ପର୍ବ। ପ୍ରତିବର୍ଷ ଭଳି ଚଳିତ ବର୍ଷ ପହିଲି ରଜ ଅବସରରେ ନିଆଁପାଟ ପର୍ବ ଅନୁଷ୍ଠିତ ହୋଇଥିବା ବେଳେ ଶନିବାର ସଂକ୍ରାନ୍ତିରେ ମହା ଆଡ଼ମ୍ବରରେ ପାଳିତ ହେଉଛି ଉଡ଼ାପର୍ବ। ଗତ ୯ତାରିଖ ଠାରୁ ଆଦ୍ୟ ସୋପାନ ଅର୍ଦ୍ଧନାଗେଶ୍ୱରଙ୍କୁ ପୂଜା କରାଯାଇ ବିଭିନ୍ନ ପାର୍ଶ୍ୱଦେବୀଙ୍କୁ ଆବାହନ ପୂର୍ବକ ବିଧି ପାଳିତ ହୋଇଯାଇଛି। ମା' ଭୂଦାରଚଣ୍ଡୀ ଦାସୀଙ୍କ ଦ୍ୱାରା ଖଡ଼ଗ ଧାରଣ ପୂର୍ବକ ପାର୍ଶ୍ୱବର୍ତ୍ତୀ ଗ୍ରାମ ମାନଙ୍କରେ ଉଡ଼ାପର୍ବ ପାଇଁ ନିମନ୍ତ୍ରଣ କରାଯାଇଥିଲା। ଏଥିରେ ମା' ଗଡ଼ବାସୁଳୀ ଦାସୀ, ପାଟଭକ୍ତା, ଦେଶ ଭକ୍ତା ପ୍ରମୁଖ ଭକ୍ତା ସାମିଲ ହୋଇ ଢୋଲ ମହୁରୀ ତାଳେ ତାଳେ ଗ୍ରାମ ପରିକ୍ରମା କରିଥିଲେ। ଆଜି ଏହି ଉଡାପର୍ବରେ ପ୍ରାୟ ୫୦ରୁ ଅଧିକ ଭକ୍ତା ସାମିଲ ହୋଇ ଦେହରେ ସ୍ୱତନ୍ତ୍ର ଲୁହାକଣ୍ଟା ଫୋଡ଼ି ହୋଇ କାଠ ତିଆରି ସୁଉଚ୍ଚ ଉଡାଖୁଣ୍ଟରେ ଉଡ଼ିବାର ବ୍ୟବସ୍ଥା କରାଯାଇଥିବା ଦେଖାଯାଇଛି। ଅର୍ଦ୍ଧରାତ୍ରରେ ଏହି ଭକ୍ତମାନେ ଜଣଜଣ କରି ଉଡ଼ିବା ଏହି ପର୍ବର ସ୍ୱତନ୍ତ୍ରତା। ଏହି ଉପଲକ୍ଷେ ବିଭିନ୍ନ ଘରକରଣା ସାମଗ୍ରୀର ପସରା ମେଳିଥିବା ବେଳେ ଅଞ୍ଚଳରେ ବହୁଳ ଆଦିବାସୀ ସମ୍ପ୍ରଦାୟର ଲୋକମାନଙ୍କ ପାଇଁ ଆଦିବାସୀ ଯାତ୍ରା ହେଉଥିବା ପରିଲକ୍ଷିତ ହେଉଛି। ଉକ୍ତ ପର୍ବପାଇଁ ହଜାର ହଜାର ଦର୍ଶକଙ୍କ ଭିଡ଼ ଦେଖିବାକୁ ମିଳିଛି। ମନ୍ଦିରର ମୁଖ୍ୟପୂଜକଙ୍କ ସମେତ ପରିଚାଳନା କମିଟିର ସଦସ୍ୟ ମାନଙ୍କ ଦ୍ୱାରା ଏହି ପର୍ବ ସୂଚାରୁ ରୂପେ ପାଳନ କରାଯାଇଥିବା ସୂଚନା ରହିଛି। ନୀଳଗିରି ଉପଖଣ୍ଡ ସଜନାଗଡ଼, ବରହମପୁର, ବାଉଲଗଡ଼ିଆ ଏବଂ ଉପକଣ୍ଠ ଶେରଗଡ଼ ଠାରେ ଏହି ପର୍ବ ଅନୁଷ୍ଠିତ ହୋଇଯାଇଛି। ଏହି ଉଡ଼ା ପର୍ବକୁ ଦେଖିବାକୁ ଅଞ୍ଚଳବାସୀଙ୍କ ଭିଡ ପରିଲକ୍ଷିତ ହୋଇଥିଲା।

## ଛାତିରେ ରଡ୍ ପଶି ବ୍ୟବସାୟୀ ମୃତ



ଖଇରା, ୧୫।୬ (ସମିସ): ବାଲେଶ୍ୱର ଜିଲ୍ଲା ଖଇରା ବଜାର ସଂଲଗ୍ନ ତେରାଣିପଦା ଛକରେ ଅସମ୍ପୂର୍ଣ୍ଣ ପାଚେରୀରୁ ଉଠିଥିବା ରଡ ଛାତିରେ ପଶିଯିବାରୁ ଜଣେ ବ୍ୟବସାୟୀ ମୃତ୍ୟୁ ବରଣ କରିଛନ୍ତି। ଏଥିନେଇ ଖଇରା ବଜାରର ସମସ୍ତ ବ୍ୟବସାୟୀ ମହଲରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ପ୍ରକାଶ ଯେ ଗଣ୍ଡିବେଡ ଗ୍ରାମର ନରୋତ୍ତମ ପାତ୍ର(୩୭) ତୋରାଣିପଦା ଛକରେ ଭଡାରେ ଦୋକାନ ନେଇ ଫ୍ଲେକ୍ସ ପ୍ରିଣ୍ଟ କାମ କରୁଥିଲେ। ପ୍ରତ୍ୟେକ ଦିନ ଭଳି ଶନିବାର ସେ ଦୋକାନ ସଂଲଗ୍ନ ନଳକୂପକୁ ପାଣି ଆଣିବାକୁ ଯାଇଥିବା ବେଳେ ଗୋଡ ଖସିଯିବାରୁ ନିକଟରେ ଅସମ୍ପୂର୍ଣ୍ଣ ପାଚେରୀରୁ ଉଠିଥିବା ରଡ ଉପରେ ପଡ଼ିଯିବାରୁ ରଡଟି ଛାତିରେ ଗଳି ଯାଇଥିଲା। ତାଙ୍କୁ ଉଦ୍ଧାର ନିଆଯିବା ପରେ ଡାକ୍ତର ସେଠାରେ ମୃତ ଘୋଷଣା କରିଥିଲେ।

# ନୃତ୍ୟ ଶିଖା ଫାଉଣ୍ଡେସନ ପକ୍ଷରୁ ରଜ କୁଇନ ପ୍ରତିଯୋଗିତା ଉଦ୍‌ଘାଟିତ

ଜଳେଶ୍ୱର ବ୍ଲକ, ୧୫।୬ (ସମିସ): ଜଳେଶ୍ୱର ନୃତ୍ୟ ଶିଖା ଫାଉଣ୍ଡେସନ ଅନୁଷ୍ଠାନର ଦ୍ୱିତୀୟ ବର୍ଷର ପ୍ରଥମ ସନ୍ଧ୍ୟା ରଜ ମହୋତ୍ସବ ଶୁକ୍ରବାର ସନ୍ଧ୍ୟାରେ ଉଦ୍‌ଘାଟିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମକୁ ମୁଖ୍ୟଅତିଥି ଭାବେ ଜଳେଶ୍ୱର ଥାନାଧିକାରୀ ରଞ୍ଜନ କୁମାର ସେଠୀ ଉପସ୍ଥିତ ହୋଇ ପ୍ରତିଯୋଗିତା ମୂଳକ ଉତ୍ସବକୁ ମିଳିତ ଭାବେ ଉଦଘାଟନ କରିଥିଲେ। ଅନ୍ୟ ସମ୍ମାନୀତ ମଞ୍ଚାସିନ ଅତିଥି ଭାବେ ନାଟ୍ୟାଚାର୍ଯ୍ୟ ରାଧାକୃଷ୍ଣ ଗିରି, ବରିଷ୍ଠ ସମାଜସେବୀ ତଥା ପୂର୍ବତନ ମ୍ୟୁନିସିପାଲିଟି ଅଧ୍ୟକ୍ଷ ସୁନିଲ କୁମାର ପରିଡ଼ା, ଟିଏମ ଟାଇଟନର ମୁଖ୍ୟ ପାର୍ଥ ସାରଥି ଦାସ, ସାମ୍ବାଦିକ ମନୋଜ କୁମାର ଭୂୟାଁ, ସାମ୍ବାଦିକ ଗୋପବନ୍ଧୁ ସାହୁ ଯୋଗଦେଇ ଓଡ଼ିଶାର ଏହି ଗଣପର୍ବର ମହତ୍ତ୍ୱ ଓ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ନୃତ୍ୟ ଶାଖା ଫାଉଣ୍ଡେସନର ମୁଖ୍ୟ ପ୍ରଖ୍ୟାତ ନୃତ୍ୟଗୁରୁ ସୁଶାନ୍ତ ବେହେରା ମଞ୍ଚ ଆହ୍ୱାନ ଓ ଉଦ୍ଦେଶ୍ୟ ଜ୍ଞାପନ



କରିଥିବା ବେଳେ ମଞ୍ଚ ପରିଚାଳନା କରିଥିଲେ। ଶିକ୍ଷକ ମନୋରଞ୍ଜନ ଦାସ ସହାୟତା କରିଥିବା ବେଳେ ପ୍ରଥମେ ଓଡ଼ିଆ ପରମ୍ପରାର ସାଂସ୍କୃତିକ ସଙ୍ଗୀତ ପଦ ବନ୍ଦେ ନୃତ୍ୟ ପରିବେଷଣ ହୋଇଥିଲା। ରଜ କୁଇନ ପ୍ରତିଯୋଗିତାରେ ବିଚାରକ ଭାବେ ସାମ୍ବାଦିକ ଦୁର୍ଗା ଶଙ୍କର ଗିରି, ସଂଗ୍ରାମ କେଶରୀ ଗିରି, ସୁଶାନ୍ତ କୁମାର ଦେ, ପ୍ରୀତମପ୍ରଭା ଜେନା, ନିବେଦିତା ପ୍ରଧାନ, ମୋନାଲିସା ସାହୁ, ତନୁଜା ବିଶ୍ୱାଳ, ବିଶ୍ୱରୂପା ଦେ, ଆଲିଶା ଦାସ ପ୍ରମୁଖ ସ୍ପର୍ଦ୍ଧା ପରିଚାଳନା କରିଥିଲେ।ସମସ୍ତେ ରଜ ଦୋଳିରେ ବସି ବୁଲିବା ସହିତ ପରସ୍ପର ଅଭିନନ୍ଦନ ଓ ଶୁଭେଚ୍ଛା ଜ୍ଞାପନ କରିଥିଲେ।ଶହଶହ ପ୍ରତିଯୋଗୀଙ୍କ ଦ୍ୱାରା ନୃତ୍ୟ, ସଙ୍ଗୀତ, ଅଭିନୟ, ରାମ୍ପୱାର୍କ, କୁଇଜ୍ ଆଦି ସିନିଅର, ଜୁନିଅର ଓ ସବ ଜୁନିୟରଙ୍କ ମଧ୍ୟରେ ସ୍ପର୍ଦ୍ଧା ଅନୁଷ୍ଠିତ ହୋଇଥିଲା।

# ଚିକିତ୍ସାଧୀନ ଅବସ୍ଥାରେ ଉପକାରାଗାର ଅନ୍ତେବାସୀଙ୍କ ମୃତ୍ୟୁ

ରାଇରଙ୍ଗପୁର, ୧୫।୬(ସମିସ): ଏକ ହତ୍ୟା ଅଭିଯୋଗର ବିଚାରାଧୀନ ମହିଳା ଅନ୍ତେବାସୀ ଅସୁସ୍ଥ ହୋଇଯିବାରୁ ତାଙ୍କୁ ଜେଲ କର୍ମଚାରୀମାନେ ଶୁକ୍ରବାର ରାଇରଙ୍ଗପୁର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ; ହେଲେ ଶନିବାର ସନ୍ଧ୍ୟାରେ ତାଙ୍କର ମୃତ୍ୟୁ ଘଟିଛି। ମୃତକ ଜଣକ ହେଲେ ଘଟଗାଁ ଅଞ୍ଚଳ ଦେହୁରିସାହି ଗାଁର ସୁକୁଟି ନାଏକ (୫୫)। ରାଇରଙ୍ଗପୁର ଟାଉନ ଥାନା ପୁଲିସ ମୃତଦେହକୁ ଜବତ କରିଛି। ରବିବାର ଶବ ବ୍ୟବଚ୍ଛେଦ କରାଯିବ ବୋଲି ସୂଚନା ମିଳିଛି।

## ଗୋଡ଼ାଇ ଗୋଡ଼ାଇ ମାଫିଆକୁ ଧରିଲା ବନବିଭାଗ

# କାଠ ବୋଝେଇ ଗାଡ଼ି ଜବତ; ଅଭିଯୁକ୍ତ ଫେରାର



ମୋରଡ଼ା, ୧୫।୬(ସମିସ): ମୋରଡ଼ା ଥାନା ତଥା ରାସଗୋବିନ୍ଦପୁର ରେଞ୍ଜ ଅଧୀନ ଟୁକପଲାସିଆ ଗ୍ରାମରେ ଶୁକ୍ରବାର ରାତି ସାଢେ ୯ଟାରେ ଗଜସାଥୀଙ୍କ ନିକଟରୁ ଖବର ପାଇ ବନାଞ୍ଚଳ ଅଧିକାରୀ ଘନଶ୍ୟାମ ସିଂଙ୍କ ନିର୍ଦ୍ଦେଶକ୍ରମେ ଅଶୋକ କୁମାର ନାୟକ ଏକ ଟିମ ଗଠନ କରି ନୂଆଗାଁରୁ ପଶ୍ଚିମବଙ୍ଗକୁ ଯାଉଥିବା ଏକ ବେଆଇନ କାଠ ବୋଝେଇ ପିକଅପକୁ ଧରିବା ପାଇଁ ଉଦ୍ୟମ କରୁଥିଲା; ହେଲେ ପିକଅପ ଡ୍ରାଇଭର ତଥା କାଠମାଫିଆ ଭାସ୍କର ମହାପାତ୍ର ବନବିଭାଗ କର୍ମଚାରୀଙ୍କୁ ଆକ୍ରମଣ କରିବା ସହିତ ବନବିଭାଗର ଗାଡିକୁ ଟେକା ପଥରମାଡ଼ କରିଥିଲା। ଫଳରେ ବନ କର୍ମଚାରୀ ସାମାନ୍ୟ ଆହତ ହୋଇଥିବା ବେଳେ ଗାଡି କ୍ଷତିଗ୍ରସ୍ତ ହୋଇଛି। ତେବେ ଟୁକପଲାସିଆ ଛକରୁ ଗାଡି ଛାଡି ମାଫିଆ ଚମ୍ପଟ ମାରିଥିବା ବେଳେ ବନବିଭାଗ ବେଆଇନ ଗାଡିକୁ ଜବତ କରିଛି। ଗାଡିଗୁଡିକୁ ନେଇ ରେଞ୍ଜ ଅଫିସକୁ ଫେରୁଥିବା ସମୟରେ ଛୋଟରାୟପୁର ଛକ ନିକଟରେ ଗାଡି ଉପରେ ବସିଥିବା ଦୁଃଖୀରାମ ମହାନ୍ତଙ୍କୁ ଅଜାଣତରେ ବନବିଭାଗ ଗାଡିଟି ଧକ୍କା ଦେଇଥିଲା। ଫଳରେ ଦୁଃଖୀରାମ ଗୁରୁତର ଆହତ ହୋଇ ବାରମାଇଲ କିଶାନତାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି ହୋଇଥିଲେ। ପରେ ତାଙ୍କ ଅବସ୍ଥା ଗୁରୁତର ହେବାରୁ ବାରିପଦା ପିଆରଏମ ମେଡିକାଲ କଲେଜ ଏଣ୍ଡ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ତେବେ ରେଞ୍ଜର ଘନଶ୍ୟାମ ସିଂ ତାଙ୍କର ସ୍ୱାସ୍ଥ୍ୟ ଅବସ୍ଥା ବୁଝିଛନ୍ତି। ଜବତ କାଠର ମୂଲ୍ୟ ୩୦ ହଜାର ହେବ ବୋଲି ବନବିଭାଗ ଆକଳନ କରିଛି। ଏ ନେଇ ବନ ବିଭାଗ ପକ୍ଷରୁ ମୋରଡ଼ା ଥାନାରେ ଲିଖିତ ଅଭିଯୋଗ କରାଯାଇଛି ବୋଲି ବନାଞ୍ଚଳ ଅଧିକାରୀ ଘନଶ୍ୟାମ ସିଂ ସୂଚନା ଦେଇଛନ୍ତି।

## ମନ୍ଥର ଗତିରେ ଚାଲିଛି ଦ୍ୱାରଶୁଣୀ ଘାଟି ରାସ୍ତା ପ୍ରଶସ୍ତିକରଣ

# ୫ ମାସରେ ଗଲାଣି ୧୨ ଜୀବନ; ୨୦ ଆହତ

ବିଶୋଇ, ୧୫।୬ (ସମିସ): ମୟୂରଭଞ୍ଜ ଜିଲ୍ଲାର ମରଣଯନ୍ତା କୁହାଯାଉଥିବା ଦ୍ୱାରଶୁଣୀ ଘାଟି ଦିନକୁ ଦିନ ଭୟଙ୍କର ହେବାରେ ଲାଗିଛି। ଘାଟିର ପ୍ରଶସ୍ତିକରଣ କାର୍ଯ୍ୟ ପାଇଁ ବ୍ଲାଷ୍ଟିଂ କାର୍ଯ୍ୟ ଆରମ୍ଭ ହେବାର ଇତିମଧ୍ୟରେ ୩ ମାସ ବିତିଗଲାଣି; ତଥାପି କାମ ସରୁନାହିଁ। ସୂଚନାଯୋଗ୍ୟ ଯେ, ଗତ ଜାନୁଆରୀ ମାସରୁ ମେ ମାସ ମଧ୍ୟରେ ଏହି ଦ୍ୱାରଶୁଣୀ ଘାଟି ରାସ୍ତାରେ ୧୨ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୨୦ରୁ ଅଧିକ ବ୍ୟକ୍ତି ଆହତ ହୋଇଥିବା ଜଣାପଡ଼ିଛି। ବିଶେଷ କରି ଘାଟି ଉଠିବାର ପ୍ରଥମ ବାଙ୍କରେ ଅଧିକ ଦୁର୍ଘଟଣା ଘଟିବାର ପରିଲକ୍ଷିତ ହୋଇଛି। ଜାନୁଆରୀ ମାସରେ ଏହି ଘାଟି ରାସ୍ତାର ପ୍ରଥମ ବାଙ୍କରେ ଏକ ମୋବିଲ ବୋଝେଇ ଟ୍ୟାଙ୍କର ଓ ଚା' ବୋଝେଇ କଣ୍ଟେନର ମଧ୍ୟରେ ଦୁର୍ଘଟଣା ଘଟି ୨ ଜଣ ଡ୍ରାଇଭର ଜୀବନ୍ତ ଦଗ୍ଧ ହୋଇଥିଲେ। ଏହି ଘଟଣାର ଦୁଇ ଦିନ ପରେ ଲୁହା ସରଞ୍ଜାମ ବୋଝେଇ ଏକ ଟ୍ରକ ମଧ୍ୟ ଘାଟିରେ ଦୁର୍ଘଟଣାଗ୍ରସ୍ତ ହୋଇ ଡ୍ରାଇଭର ପ୍ରାଣ ହରାଇଥିଲା। ପୁଣି ଦିନ କେଇଟା ପରେ ସେହି ପ୍ରଥମ ବାଙ୍କରେ ଧଉଳି ଯାତ୍ରା ପାର୍ଟି ଲାଇଟ ଓ ମାଇକ ବୋଝେଇ ଟ୍ରକ ଦୁର୍ଘଟଣା ଗ୍ରସ୍ତ ଘଟି ୬ ଜଣଙ୍କର ପ୍ରାଣ ହରାଇଥିବା ବେଳେ ୧୧ ଜଣ ଆହତ ହୋଇଥିଲେ। ପୁଣି କିଛି ମାସ ମଧ୍ୟରେ ପୃଥକ



ଘଟଣା ଘଟି ୩ ଜଣଙ୍କ ମୃତ୍ୟୁ ଘଟିଛି। ତେବେ ଏହି ଘାଟି ରାସ୍ତା ଅଣଓସାରିଆ ସହିତ ମଦ୍ୟପାନ କରି ଗାଡି ଚାଳନା ପାଇଁ ଦୁର୍ଘଟଣା ସଂଖ୍ୟା ବଢୁଥିବା କୁହାଯାଉଛି। ମଦ୍ୟପ ଚାଳକଙ୍କ ଉପରେ ଅଙ୍କୁଶ ଲଗାଇବାରେ ପ୍ରଶାସନ ବିଫଳ ହୋଇଛି। ଦୁର୍ଘଟଣା ରକିବା ପାଇଁ ଘାଟିର ୧୦ଟି ବାଙ୍କ ରାସ୍ତାକୁ ବ୍ଲାକ ସ୍ପଟ ବୋଲି ଚିହ୍ନଟ କରାଯାଇ ପ୍ରଶସ୍ତିକରଣ ନିମନ୍ତେ ବ୍ଲାଷ୍ଟିଂ କାର୍ଯ୍ୟ ଆରମ୍ଭ ହୋଇଛି; କିନ୍ତୁ ଇତିମଧ୍ୟରେ ୩ ମାସ ବିତିଯାଇଥିଲେ କାମ ଧିମା ଯୋଗୁଁ ଶେଷ ହୋଇପାରୁନାହିଁ।

ବ୍ଲାଷ୍ଟିଂ ଦାୟିତ୍ୱ ନେଇଥିବା ଠିକା ସଂସ୍ଥା ରାସ୍ତା କାର୍ଯ୍ୟ ନେଇଥିବା ରାଞ୍ଚିର ଠିକାଦାର ଉପରେ ଦୋଷ ଲଦିଦେବାର ସୂଚନା ମିଳୁଛି। ଉକ୍ତ ଠିକା ସଂସ୍ଥା ପାହାଡ଼ରୁ ମାଟି, ଗଛ ଲତା ସଫା କରୁ ନ ଥିବାରୁ ବ୍ଲାଷ୍ଟିଂରେ ବାଧା ସୃଷ୍ଟି ହେଉଥିବା ଅଭିଯୋଗ ହୋଇଛି। ଏହି ରାସ୍ତାର ବିକଳ୍ପ ରାସ୍ତା ଭାବେ ମୁଖ୍ୟମନ୍ତ୍ରୀ ସହାୟତା ପାଣ୍ଠିରୁ ଗତ ବର୍ଷଠାରୁ ଚନ୍ଦନପୁର-ଶଙ୍ଖାଭଙ୍ଗା-ବିଶୋଇ ରାସ୍ତା ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲେ ସୁଦ୍ଧା ତାହା ସମ୍ପୂର୍ଣ୍ଣ ଶେଷ ହୋଇନାହିଁ। ତେଣୁ ଜରୁରୀ ପରିସ୍ଥିତି ସମୟରେ ବିକଳ୍ପ ରାସ୍ତାରେ ଛୋଟ ଯାନ ଯାଇ ପାରୁଥିବା ବେଳେ ଯାତ୍ରୀବାହୀ ବସ୍ ଚଳାଚଳରେ ବାଧା ଉପୁଜୁଛି। ତେଣୁ ଏଥିପ୍ରତି ବିଭାଗୀୟ କର୍ତ୍ତୃପକ୍ଷ ଧ୍ୟାନ ଦେଇ ଘାଟି ରାସ୍ତାର ବ୍ଲାଷ୍ଟିଂ କାମ ତୁରନ୍ତ ଶେଷ କରିବାକୁ ଦାବି ହେଉଛି।

**■ ଅଣଓସାରିଆ ରାସ୍ତା ଓ ମଦ୍ୟପ ଚାଳକଙ୍କ ପାଇଁ ଘଟୁଛି ଦୁର୍ଘଟଣା**

